

JioMart
Reliance
Growth is Life
ମାସିକ ଗ୍ରୋସରୀ ଶପିଂ
ସବୁଠାରୁ କମ୍ ଦାମ୍‌ରେ, କେବଳ
JioMart 7MSD ରେ
MAX SAVING DAYS
7 MAX SAVING DAYS
1ST - 7TH JUN
₹100 କ୍ୟାସବ୍ୟାକ୍ ଗ୍ୟାରେଣ୍ଟି*
ଆପଣଙ୍କ ପ୍ରଥମ ଅର୍ଡର ଉପରେ
*T&C Apply
JioMart ଆପ୍ ଡାଉନଲୋଡ୍ କରନ୍ତୁ!
ଅଫର୍ସ ଏଠାରେ ମଧ୍ୟ ଉପଲବ୍ଧ
SMART BAZAAR
SMART SUPERSTORE
₹60/kg ଭାରତ ଚଣା ଡାଲି 1 kg
₹29/kg ଭାରତ ରାଇସ୍ 10 kg MRP ₹290
ଏବେ ଉପଲବ୍ଧ
ଫର୍ଚ୍ୟୁନ୍ ରିଫାଇନ୍‌ଡ ରାଇସ୍ ବ୍ରାନ୍ ହେଲ୍ଥ ଅଏଲ 3 L + କୋହିନୁର ଚାର୍ମିନାର ସିଲେକ୍ ବାସମତି ରାଇସ୍ 5 kg
ଆମ ମୂଲ୍ୟ ₹749 କମ୍ବାଇଣ୍ଡ
MRP ₹1124 ସଞ୍ଚୟ ₹375
ଫର୍ଚ୍ୟୁନ୍ ସଲଫରଲେସ୍ ଚିନି 5 kg
ଆମ ମୂଲ୍ୟ ₹235 (₹47 /kg)
MRP ₹325 ସଞ୍ଚୟ ₹90
ଗୁଡ୍ ଲାଇଫ୍ 1014 ବଏଲ୍‌ଡ ରାଇସ୍ 10 kg
ଆମ ମୂଲ୍ୟ ₹519 (₹51.90 /kg)
MRP ₹532 ସଞ୍ଚୟ ₹13
ଉଜ୍ଜ୍ୱଳ କାସପର ଜୀରା ରାଇସ୍ 10 kg
ଆମ ମୂଲ୍ୟ ₹539 (₹53.90 /kg)
MRP ₹672 ସଞ୍ଚୟ ₹133
ଆଶୀର୍ବାଦ ଶୁଦ୍ଧ ଚକି ଅଟା 5 kg
ଆମ ମୂଲ୍ୟ ₹225
MRP ₹258 ସଞ୍ଚୟ ₹33
ଟାଟା ସମ୍ପନ / ଗୁଡ୍ ଲାଇଫ୍ ଅନପଲିସ୍‌ଡ ଡାଲି (ସମଗ୍ର ରେଞ୍ଜ)
ଫ୍ଲାଟ୍ 25% ଛାଡ଼
MRP ₹64 ତେଣିକି ଆମ ମୂଲ୍ୟ ₹48 ତେଣିକି
କ୍ୟାଚ୍ ମସଲା ରେଞ୍ଜ
ସର୍ବନିମ୍ନ 20%* ଛାଡ଼
*MRP ଉପରେ
ଗୁଡ୍ ଲାଇଫ୍ ଆଲମଣ୍ଡ / କ୍ୟାଶ୍ୟୁ (W320) 500 g
ଆମ ମୂଲ୍ୟ ₹369/ ₹389
MRP ₹549 / ₹499 ସଞ୍ଚୟ ₹180 / ₹110
ଫ୍ରୀଡମ୍ ରିଫାଇନ୍‌ଡ ସନଫ୍ଲାୱାର / ଗୁଡ୍ ଲାଇଫ୍ କଚିଘାଣୀ ସୋରିଷ ଅଏଲ 1 L
ଆମ ମୂଲ୍ୟ ₹109/ ₹125
MRP ₹139 / ₹175 ସଞ୍ଚୟ ₹30 / ₹50
ଅମୁଲ୍ ପିୟୋର ଘିଅ
ଆମ ମୂଲ୍ୟ ₹609
MRP ₹650 ତେଣିକି ସଞ୍ଚୟ ₹41 ତେଣିକି
ବ୍ରିଟାନିଆ / ପାର୍ଲେ ରସ୍କ (ନିର୍ଦ୍ଦିଷ୍ଟ ପ୍ରକାରର)
ସର୍ବନିମ୍ନ 25% ଛାଡ଼
MRP ₹35 ତେଣିକି
ବିସ୍କୁଟ୍- ଲାର୍ଜ ପ୍ୟାକ୍ 300 g ତେଣିକି (ନିର୍ଦ୍ଦିଷ୍ଟ ପ୍ରକାରର)
ଫ୍ଲାଟ୍ 33% ଛାଡ଼
MRP ₹40 ତେଣିକି ଆମ ମୂଲ୍ୟ ₹27 ତେଣିକି
ମ୍ୟାଗି 2 ମିନିଟ୍ ନୁଡୁଲ୍ସ ମସାଲା 560 g
ସଞ୍ଚୟ ₹15
MRP ₹112 ତେଣିକି ଆମ ମୂଲ୍ୟ ₹97 ତେଣିକି
ଟାଟା ଟୀ ପ୍ରିମିଅମ୍ ଡଷ୍ଟ 1 kg
ସଞ୍ଚୟ ₹65
MRP ₹380 ତେଣିକି ଆମ ମୂଲ୍ୟ ₹315 ତେଣିକି
ହର୍ଲିକ୍ସ କ୍ଲାସିକ ମଲ୍ଟ ହେଲ୍ଥ ଡ୍ରିଙ୍କ 1 kg
ସଞ୍ଚୟ ₹150
MRP ₹600 ତେଣିକି ଆମ ମୂଲ୍ୟ ₹450 ତେଣିକି
ପେପ୍‌ସୀ / ମିରିଣ୍ଡା / 7 ଅପ୍ 2.25 L (ନିର୍ଦ୍ଦିଷ୍ଟ ପ୍ରକାରର)
ସଞ୍ଚୟ ₹25
MRP ₹99 ତେଣିକି ଆମ ମୂଲ୍ୟ ₹74 ତେଣିକି
କ୍ଲୋଜ୍ ଅପ୍ ରେଡ୍ / ଡାବର ରେଡ୍ / କୋଲଗେଟ୍ ମାକ୍ସଫ୍ରେଶ୍ ଟୁଥପେଷ୍ଟ 300 g ତେଣିକି (ନିର୍ଦ୍ଦିଷ୍ଟ ପ୍ରକାରର)
ଫ୍ଲାଟ୍ 25% ଛାଡ଼
MRP ₹200 ତେଣିକି ଆମ ମୂଲ୍ୟ ₹150 ତେଣିକି
ପେଅର୍ସ / ଡଭ୍ / ସାଭଲନ୍ ସୋପ୍ 125 g ତେଣିକି (ମଲ୍ଟି ପ୍ୟାକ୍) (ନିର୍ଦ୍ଦିଷ୍ଟ ପ୍ରକାରର)
ଫ୍ଲାଟ୍ 33% ଛାଡ଼
MRP ₹300 ତେଣିକି ଆମ ମୂଲ୍ୟ ₹201 ତେଣିକି
ଡଭ୍ / ହେଡ୍ ଆଣ୍ଡ ଶୋଲ୍ଡର୍ସ / ପ୍ୟାଣ୍ଟିନ୍ / ସନ୍‌ସିଲ୍କ / ଟ୍ରେସମି ଶାମ୍ପୁ 125 g ତେଣିକି (ନିର୍ଦ୍ଦିଷ୍ଟ ପ୍ରକାରର)
ଫ୍ଲାଟ୍ 50% ଛାଡ଼
MRP ₹765 ତେଣିକି ଆମ ମୂଲ୍ୟ ₹383 ତେଣିକି
ଡିଓ 135 ml ତେଣିକି / ଫେସ୍ ୱାଶ୍ 150 g ତେଣିକି (ନିର୍ଦ୍ଦିଷ୍ଟ ପ୍ରକାରର)
ଫ୍ଲାଟ୍ 50% ଛାଡ଼
MRP ₹240 ତେଣିକି ଆମ ମୂଲ୍ୟ ₹120 ତେଣିକି
ପ୍ରିଲ୍ ଡିଶୱାଶ୍ ଲିକ୍ୱିଡ୍ ଲାଇମ୍ 1.5 L
ସଞ୍ଚୟ ₹171
MRP ₹360 ତେଣିକି ଆମ ମୂଲ୍ୟ ₹189 ତେଣିକି
ଏରିଏଲ୍ 3.2 L / ସର୍ଫ ଏକ୍ସେଲ୍ ମ୍ୟାଟିକ୍ ଲିକ୍ୱିଡ୍ 4 L (ଟପ୍ ଲୋଡ୍ / ଫ୍ରଣ୍ଟ ଲୋଡ୍) (ନିର୍ଦ୍ଦିଷ୍ଟ ପ୍ରକାରର)
ଫ୍ଲାଟ୍ 25% ଛାଡ଼
MRP ₹685 ତେଣିକି ଆମ ମୂଲ୍ୟ ₹514 ତେଣିକି
ଲାଇଜୋଲ୍ ଫ୍ଲୋର କ୍ଲିନର 2 L + 500 ml / ହାରପିକ୍ ଅରିଜିନାଲ୍ ଟଏଲେଟ କ୍ଲିନର 1 L x 2 Units + 500 ml (ନିର୍ଦ୍ଦିଷ୍ଟ ପ୍ରକାରର)
ସଞ୍ଚୟ ₹45
MRP ₹450 ତେଣିକି ଆମ ମୂଲ୍ୟ ₹405 ତେଣିକି
BOBCARD 10% Instant Discount*
Minimum Transaction ₹1000 | Maximum Discount ₹500 | Valid Once Per Card | From 1st to 7th June 2024 | Only on JioMart.
Reliance Retail SBI card RuPay CREDIT
10% INSTANT DISCOUNT*
WITH RELIANCE SBI CREDIT CARDS
Valid Once Per Card Per Month, Till 30 Jun '24. *T&C Apply
Scan to apply
sodexo Accepted here
ସର୍ତ୍ତ ଓ ନିୟମାବଳୀ ଲାଗୁ । 1 ଜୁନ୍ - 7 ଜୁନ୍‌ର କ୍ରୟ ଅବଧି ମଧ୍ୟରେ ₹600 କିମ୍ବା ଅଧିକର ପ୍ରଥମ କ୍ରୟ ଉପରେ ₹100 ର କ୍ୟାସବ୍ୟାକ୍ ପ୍ରଯୁଜ୍ୟ । ଏହି ଅଫର୍ ଜିଓମାର୍ଟରେ ରିଲାଏନ୍‌ସ ରିଟେଲ ଦ୍ୱାରା ବିକ୍ରି ହେଉଥିବା ଯୋଗ୍ୟ ଉତ୍ପାଦ କ୍ରୟ ବିରୁଦ୍ଧରେ ବିମୋଚନ ଯୋଗ୍ୟ ଅଟେ । ଅଫର୍ ଲିଙ୍କ ହୋଇଥିବା ଗ୍ରାହକଙ୍କ ଆକାଉଣ୍ଟ ଗୁଡ଼ିକରେ ଅନନ୍ୟ ଉପଭୋକ୍ତାଙ୍କ ପିଛା ଥରେ ଉପଲବ୍ଧ ହେବ । ବ୍ୟାଙ୍କିଙ୍ଗ୍ ଏବଂ ୱାଲେଟ୍ ଅଫର୍ସ କେବଳ ଜିଓମାର୍ଟ୍ ଉପରେ ମାନ୍ୟ ଅଟେ । ଅଫର୍ ଷ୍ଟକ୍ ଶେଷ ପର୍ଯ୍ୟନ୍ତ ବୈଧ । ସମସ୍ତ ଅଫର୍ ବିନା ବିଜ୍ଞପ୍ତିରେ ପରିବର୍ତ୍ତନଶୀଳ ଅଟେ । ପ୍ରଦର୍ଶିତ ଦ୍ରବ୍ୟର ଚିତ୍ର / ଫଟୋଗ୍ରାଫ୍ କେବଳ ଉପସ୍ଥାପନ ଉଦ୍ଦେଶ୍ୟ ପାଇଁ । ସମସ୍ତ ଉତ୍ପାଦର ଏମ୍‌ଆର୍‌ପିରେ ସମସ୍ତ ଟିକସ ସାମିଲ ଅଟେ । ସମସ୍ତ ଅଫର୍ 7 ଜୁନ୍ 2024 ପର୍ଯ୍ୟନ୍ତ ବୈଧ ଅଟେ । ସମସ୍ତ ବିବାଦ କେବଳ ମୁମ୍ବାଇରେ କୋର୍ଟର ସ୍ୱତନ୍ତ୍ର ଅଧିକାର ଅଧୀନ ଅଟେ ।

# ମତଦାନ କରିବେ ୧୫,୪୩,୯୯୯ ଭୋଟର



ପୋଲିଂ ପାର୍ଟି ଅଧିକାରୀଙ୍କ ସହ ଜିଲାପାଳ ଆଲୋଚନା କରୁଛନ୍ତି।

ଯାଜପୁର,୩୧।୫ (ହର୍ଷବର୍ଦ୍ଧନ ବେହେରା)

**ଯାଜପୁର ଜିଲା**
■ ୨୦୧୯ ତୁଳନାରେ ୭୧,୩୬୧ ଭୋଟର ବୃଦ୍ଧି

ଯାଜପୁର ଲୋକ ସଭା ନିର୍ବାଚନମଣ୍ଡଳୀ ଏବଂ ବିଞ୍ଝାରପୁର(ସଂରକ୍ଷିତ), ଯାଜପୁର, ବରୀ, ବଡ଼ଚଣା, ଧର୍ମଶାଳା, କୋରେଇ ଓ ସୁକିନ୍ଦା ବିଧାନସଭା ଆସନ ପାଇଁ ୧୫ ଲକ୍ଷ ୪୩ ହଜାର ୯୯୯ ଭୋଟର ଶନିବାର ଭୋଟ ଦେବେ। ୨୦୧୯ ନିର୍ବାଚନ ତୁଳନାରେ ଏଥର ଭୋଟରଙ୍କ ସଂଖ୍ୟା ୭୧,୩୬୧ ବୃଦ୍ଧି ପାଇଛି। ତେବେ ୨୦୧୪ ତୁଳନାରେ ୨୦୧୯ ନିର୍ବାଚନରେ ବୃଦ୍ଧି ପାଇଥିବା ୧,୭୧,୮୯୩ ଭୋଟରଙ୍କ ସଂଖ୍ୟା ମଧ୍ୟରୁ ଏହା ମାତ୍ର ୪୧.୫୧% ହୋଇଛି। ଏଥର ଭୋଟର ସଂଖ୍ୟା ବୃଦ୍ଧି ନୈରାଶ୍ୟଜନକ ହୋଇଥିବା ଏଥିରୁ ସ୍ପଷ୍ଟ ହୋଇଛି। ଜିଲାରେ ୭,୯୪,୧୧୪ ପୁରୁଷ, ୭,୪୯,୮୧୭ ମହିଳା ଓ ୬୮ ଜଣ ଅନ୍ୟାନ୍ୟ ମତଦାତା ରହିଛନ୍ତି। ଚଳିତ ନିର୍ବାଚନରେ ମୋଟ ୭୪ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ୨୫୦ ପୋଲିଂ ପାର୍ଟିରେ ୧୬୯୦ ଜଣ ପୋଲିଂ କର୍ମଚାରୀ ବୁଥ୍‌ଗୁଡିକୁ ଯାଇଛନ୍ତି। ଜିଲାରେ ମୋଟ ୧,୬୩୭ ବୁଥ୍ ମଧ୍ୟରୁ ୨୮୧ଟି ସମ୍ବେଦନଶୀଳ ବୋଲି ଚିହ୍ନଟ ହୋଇଛି। ସେଥିମଧ୍ୟରୁ ବରୀ ବିଧାନସଭା ନିର୍ବାଚନମଣ୍ଡଳୀରେ ସର୍ବାଧିକ ୬୬ ବୁଥ୍ ରହିଥିବାବେଳେ ବିଞ୍ଝାରପୁରରେ ୩୫, ବଡ଼ଚଣାରେ ୨୬, ଧର୍ମଶାଳାରେ ୩୯, ଯାଜପୁରରେ ୩୫, କୋରେଇରେ ୪୧ ଓ ସୁକିନ୍ଦା ନିର୍ବାଚନମଣ୍ଡଳୀରେ ୩୯ଟି ସମ୍ବେଦନଶୀଳ ବୁଥ୍ ରହିଛି। ଜୁନ ୪ରେ ଏନ୍‌ସି କଲେଜ ଠାରେ ଭୋଟ ଗଣତି କରାଯିବ।

ଯାଜପୁର ଲୋକ ସଭା ଓ ଏହା ଅଧୀନ ୭ ବିଧାନସଭା ଆସନ ଲାଗି ପ୍ରତିଦ୍ୱନ୍ଦ୍ୱିତା କରୁଥିବା ମୋଟ ୭୪ ପ୍ରାର୍ଥୀଙ୍କ ମଧ୍ୟରେ ବିଜେଡି ଓ ଭାଜପାର ବହୁ ତୁଙ୍ଗ ନେତା ରହିଛନ୍ତି। ଜିଲାରେ ପ୍ରାୟ ସବୁଠି ବିଜେଡି ଓ ଭାଜପା ମଧ୍ୟରେ କଡ଼ା ମୁକାବିଲା ହେଉଛି। ବିକାଶ ନାଁରେ ଦୁର୍ନୀତିକୁ ଭାଜପା ମୁଖ୍ୟ ପ୍ରସଙ୍ଗ କରିଥିବାବେଳେ ବିଜେଡି ବିକାଶମୂଳକ କାର୍ଯ୍ୟକୁ ପାଥେୟ କରି ଭୋଟରଙ୍କୁ ଆପଣାଇବା ପାଇଁ ଉଦ୍ୟମ କରିଛି। ତେବେ ଏଥିରୁ କିଏ ସଫଳ ହେଉଛି ତାହା ନିର୍ବାଚନ ଫଳାଫଳରୁ ଜଣାପଡ଼ିବ।

## ୯୮୭ ବୁଥ୍‌ରେ ୱେବ୍‌କାଷ୍ଟିଂ ବ୍ୟବସ୍ଥା

ଯାଜପୁର,୩୧।୫(ହର୍ଷବର୍ଦ୍ଧନ ବେହେରା)

ଯାଜପୁର ସଂସଦୀୟ କ୍ଷେତ୍ରରେ ନିର୍ବାଚନ ପାଇଁ ମୋଟ ୧୬୩୭ ବୁଥ୍ ମଧ୍ୟରୁ ୨୮୬ ସଖୀ ବୁଥ୍, ଗୋଟିଏ ଦିବ୍ୟାଙ୍ଗ ବୁଥ୍, ୭ଟି ଯୁବ ବୁଥ୍ ପାଇଁ ୯୮୮୨ ପୋଲିଂ କର୍ମଚାରୀ ନିୟୋଜିତ କରାଯାଇଛି। ୯୮୭ଟି ଅର୍ଥାତ ୬୦ଭାଗରୁ ଅଧିକ ବୁଥ୍‌କୁ ୱେବ୍‌କାଷ୍ଟିଂ କରାଯିବାର ବ୍ୟବସ୍ଥା କରାଯାଇଛି। ମତଦାନକୁ ଶୃଙ୍ଖଳାର ସହ ଜିଲାରେ ସମାପନ ପାଇଁ ୪୨ ଷ୍ଟାଟିକ ସର୍ଭେଲାନ୍ସ ଟିମ୍, ୭ଟି ଲେଖାଏ ଭିଏସ୍‌ଟି ଓ ଭିଭିଟି ଟିମ୍, ୧୬୧ ସେକ୍ଟର ଅଫିସର ଏବଂ ୧୭୭ ମାଇକ୍ରୋ ଅବଜରଭରଙ୍କୁ ନିଯୁକ୍ତି ଦିଆଯାଇଛି। ପ୍ରଶାସନ ତରଫରୁ ପୋଲିଂ ପାର୍ଟି ନିମନ୍ତେ ୧୫୦୫ ଯାନ, ପୋଲିସ କର୍ମଚାରୀମାନଙ୍କ ପାଇଁ ୫୦୦ ଯାନ ଓ ରିଜର୍ଭ ଯାନକୁ ନେଇ ପ୍ରାୟ ୨୨୦୦ ଯାନ ଅଧିଗ୍ରହଣ କରାଯାଇଛି। ପୋଲିସ ପ୍ରଶାସନ ତରଫରୁ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ୮ ଜଣ, ଉପ-ଆରକ୍ଷୀ ଅଧୀକ୍ଷକ ୧୬ ଜଣ, ଇନ୍ସପେକ୍ଟର ୩୩ ଜଣ, ସବ୍-ଇନ୍ସପେକ୍ଟର ଓ ସହକାରୀ ସବ୍-ଇନ୍ସପେକ୍ଟର ୨୫୭ ଜଣ, ଓଆର୍ ପବ୍ଲିକ ହୋମ୍‌ଗାର୍ଡ ଓ ଜିଆର୍ ୧୬୩୫ଜଣ, ଷ୍ଟ୍ରାଇକିଂ ଫୋର୍ସ ୧୫ ପ୍ଲାଟୁନ, ସିଏପିଏଫ ୨୧ କମ୍ପାନୀ ଏବଂ ଏପିଆର୍ ୫୫୦ ଫୋର୍ସଙ୍କୁ ନିଯୁକ୍ତି ଦିଆଯାଇଛି।

# ଧର୍ମଶାଳା ମହାବିଦ୍ୟାଳୟରେ ନୂତନ ଅଧ୍ୟକ୍ଷଙ୍କ ଯୋଗଦାନ



ଧର୍ମଶାଳା,୩୧।୫(ବଟକୃଷ୍ଣ ପରିଡ଼ା)

ଧର୍ମଶାଳା ମହାବିଦ୍ୟାଳୟର ନୂତନ ଅଧ୍ୟକ୍ଷ ଭାବେ ଶୁକ୍ରବାର ସ୍ୱରୁପାନନ୍ଦ ପଣ୍ଡା କାର୍ଯ୍ୟରେ ଯୋଗଦେଇଛନ୍ତି। ମହାବିଦ୍ୟାଳୟ ଅଧ୍ୟକ୍ଷ ଜୟନ୍ତ କୁମାର ସାହୁ ଅବସରଗ୍ରହଣ କରିବା ପରେ ନୂତନ ଅଧ୍ୟକ୍ଷ ପଣ୍ଡାଙ୍କୁ ଦାୟିତ୍ୱ ହସ୍ତାନ୍ତର କରିଛନ୍ତି। ପଣ୍ଡା ଏହି ମହାବିଦ୍ୟାଳୟରେ ୨୦୧୮ରୁ ଦର୍ଶନ ଶାସ୍ତ୍ର ବିଭାଗ ପ୍ରାଧ୍ୟାପକ ଭାବେ କାର୍ଯ୍ୟ କରିଆସୁଛନ୍ତି। ପୂର୍ବରୁ ସେ କେନ୍ଦୁଝରସ୍ଥିତ ରେମୁଳି ମହାବିଦ୍ୟାଳୟରେ କାର୍ଯ୍ୟ କରୁଥିଲେ। ପଣ୍ଡା ଦାୟିତ୍ୱ ଗ୍ରହଣ କରିବା ସମୟରେ କଲେଜ ପରିଚାଳନା କମିଟି ସଭାପତି ଡ. ପ୍ରିୟନାଥ ମହାପାତ୍ର, ଅବସରପ୍ରାପ୍ତ ପ୍ରାଧ୍ୟାପକ ଧନେଶ୍ୱର ମହାନ୍ତି, ପ୍ରଧ୍ୟାପିକା କେତକୀ ନାୟକ, ବରିଷ୍ଠ ଅଧ୍ୟାପକ ନିଗମନନ୍ଦ ବିଶ୍ୱାଳ, ପ୍ରସାଦ ନାୟକ, ଆଶିଷ ଦାସ, ପୀତବାସ କର, ନିରଞ୍ଜନ ସେଠୀ, ଅଧ୍ୟାପିକା ସଲିପ୍ତା ଦାସ, ଭାନୁପ୍ରିୟା ନାୟକ, କର୍ମଚାରୀ ମନୋରଞ୍ଜନ ପଣିଗ୍ରାହୀ ଓ ଚନ୍ଦନ ପୃଷ୍ଟି ପ୍ରମୁଖ ଉପସ୍ଥିତ ରହି ଅବସରପ୍ରାପ୍ତ ଅଧ୍ୟକ୍ଷଙ୍କୁ ବିଦାୟୀ ସମ୍ବର୍ଦ୍ଧନା ଦେବା ସହ ନୂତନ ଅଧ୍ୟକ୍ଷଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ।

# ଟାଟା ଷ୍ଟିଲ୍‌ରେ ବିଶ୍ୱ ତମାଖୁ ବର୍ଜନ ଦିବସ




ତମାଖୁ ସେବନ ଉପରେ ସଚେତନ କରାଯାଉଛି।

କଳିଙ୍ଗନଗର,୩୧।୫(ଶୁଭାଶିଷ ରାଉତ)

ବିଶ୍ୱ ତମାଖୁ ବର୍ଜନ ଦିବସ ଅବସରରେ ଟାଟା ଷ୍ଟିଲ୍ ଫାଉଣ୍ଡେଶନ (ଟିଏସ୍‌ଏଫ୍) ପକ୍ଷରୁ ଶୁକ୍ରବାର ଯାଜପୁର ଜିଲା ଡୁବୁରି ନିକଟ ଶାଳିଜଙ୍ଗ ପଞ୍ଚାୟତର ବାଘୁଆପାଳ ଗ୍ରାମରେ ଥିବା ଏନ୍‌ଆଇଆଇଟି ଫାଉଣ୍ଡେଶନରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ୧୦୦ରୁ ଅଧିକ ନାବାଳକଙ୍କୁ ତମାଖୁ ସେବନର କ୍ଷତିକାରକ ପ୍ରଭାବ ଉପରେ ସଚେତନ କରାଯାଇଥିଲ। ଟାଟା ଷ୍ଟିଲ କଳିଙ୍ଗନଗରର ଅକ୍ୟୁପେଶନାଲ ହେଲ୍‌ଥ ଆଣ୍ଡ ସେଫ୍ଟି (ଓଏଚ୍‌ଏସ୍) ଟିମ୍ ଗ୍ରୀନ୍ ଟ୍ରାନ୍ସପୋର୍ଟ ପାର୍କରେ ଏକ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରିଥିଲା, ଯେଉଁଥିରେ କର୍ମଚାରୀ, ଭେଣ୍ଡର ପାର୍ଟନର ଏବଂ ଠିକା କର୍ମଚାରୀଙ୍କ ସମେତ ୬୦ରୁ ଅଧିକ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। କର୍କଟ ସଚେତନତା ଉପରେ ଟାଟା ଷ୍ଟିଲ କର୍ମଚାରୀଙ୍କ ପାଇଁ ଅନଲାଇନ୍ ସଚେତନତା ଅଧିବେଶନ ମାଧ୍ୟମରେ ଏହି ଦିବସ ପାଳନ ହୋଇଥିଲା। ଅଙ୍କୋଲୋଜିଷ୍ଟ ପ୍ରକାଶ ସ୍ୱାଇଁଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ଅଧିବେଶନରେ ବହୁ କର୍ମଚାରୀ ଅଂଶଗ୍ରହଣ କରି ବିଭିନ୍ନ ପ୍ରକାର କର୍କଟ ରୋଗର ନିରାକରଣ ଓ ଆଗୁଆ ଚିହ୍ନଟ ସମ୍ପର୍କରେ ଜ୍ଞାନ ଆହରଣ କରିଥିଲେ।

## ସ୍କର୍ପିଓ ଧକ୍କାରେ ସ୍କୁଟି ଆରୋହୀଙ୍କ ମୃତ୍ୟୁ

ଧର୍ମଶାଳା,୩୧।୫(ବଟକୃଷ୍ଣ ପରିଡ଼ା)

ଯାଜପୁର ଜିଲା ଧର୍ମଶାଳା ଥାନା ଅଧୀନ ୧୬ ନମ୍ବର ଜାତୀୟ ରାଜପଥର ଭାଲୁଖାଇ ଓଭରବ୍ରିଜ ଉପରେ ଶୁକ୍ରବାର ସ୍କର୍ପିଓ ଧକ୍କାରେ ଜଣେ ସ୍କୁଟି ଆରୋହୀଙ୍କ ମୃତ୍ୟୁ ହୋଇଛି। ମୃତକ ଯାଜପୁରରୋଡ୍ ଥାନା ଅଧୀନ ଡୋଲିପୁର ଅଞ୍ଚଳର ବିଶ୍ୱଜିତ ଜେନା(୩୭)ବୋଲି ଜଣାପଡ଼ିଛି। ଭୋର ସମୟରେ ପାରାଦୀପ ଅଞ୍ଚଳରୁ ବିଶ୍ୱଜିତ (ଓଡି୦୨ଏସି୪୦୭୮)ନଂ. ସ୍କୁଟିରେ ଘରକୁ ଫେରୁଥିଲେ। ଏହି ସମୟରେ ଏକ ସ୍କର୍ପିଓ ତାଙ୍କୁ ଧକ୍କା ଦେଇ ଫେରାର ହୋଇଯାଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇ ଯାଇଥିଲା। ଖବର ପାଇ ଧର୍ମଶାଳା ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଏନେଇ ମୃତକଙ୍କ ପରିବାର ଥାନାରେ ଅଭିଯୋଗ କରିବା ପରେ ପୋଲିସ ନଂ.୪୨୬।୨୪ରେ ମାମଲା ରୁଜୁ କରିବା ସହ ଦୁର୍ଘଟଣା ଗ୍ରସ୍ତ ସ୍କୁଟିକୁ ଜବତ କରି ତଦନ୍ତ ଆରମ୍ଭ କରିଛି।

# ପାଣିକୋଇଲି ପୋଲିସର ଫ୍ଲାଗ୍‌ମାର୍ଚ୍ଚ

ପାଣିକୋଇଲି,୩୧।୫(ବିକାଶ ମଲ୍ଲିକ)

ସାଧାରଣ ନିର୍ବାଚନର କିଛି ଘଣ୍ଟା ପୂର୍ବରୁ ପାଣିକୋଇଲି ପୋଲିସ ପକ୍ଷରୁ ଗୁରୁବାର ପାଣିକୋଇଲି ବଜାରରେ ଫ୍ଲାଗ ମାର୍ଚ୍ଚ କରାଯାଇଛି। ଯାଜପୁର ଏସ୍‌ପି ଭିନୀତ ଅଗ୍ରୱାଲଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ଫ୍ଲାଗ ମାର୍ଚ୍ଚରେ ଥାନାଧିକାରୀ ଲିଜାରାଣୀ ବିଶ୍ୱାଳ ଓ ଏସ୍‌ଆଇ ସ୍ମୃତିରଞ୍ଜନ ବଡ଼ଜେନାଙ୍କ ସମେତ ସଶସ୍ତ୍ର ଯବାନମାନେ ସାମିଲ ହୋଇଥିଲେ। ଏତେ ସଂଖ୍ୟାରେ ପୋଲିସର ଫ୍ଲାଗ ମାର୍ଚ୍ଚ ଦେଖି ପାଣିକୋଇଲି ବଜାରରେ ସାଧାରଣରେ ଭୟ ସଞ୍ଚାରିତ ହୋଇଛି।




ପୋଲିସ ଅଧିକାରୀମାନେ ଫ୍ଲାଗ୍ ମାର୍ଚ୍ଚ କରୁଛନ୍ତି।

## ଶିଳ୍ପ ସଂସ୍ଥା ଉପରେ ଆୟକର ବିଭାଗର ଚଢ଼ାଉ ଜାରି

ପାଣିକୋଇଲି,୩୧।୫(ବିକାଶ ମଲ୍ଲିକ)

ପାଣିକୋଇଲିରେ ଆୟକର ବିଭାଗର ଚଢ଼ାଉ ଘଟଣା ଚର୍ଚ୍ଚାର କେନ୍ଦ୍ର ବିନ୍ଦୁ ପାଲଟିଛି। ଶିଳ୍ପପତି ଅନିରୁଦ୍ଧ ଦାଶଙ୍କ ଘରେ ଓ ତାଙ୍କ ବ୍ୟବସାୟିକ ସଂସ୍ଥା କୃପାଳୁ ରାଇସ ଇଣ୍ଡଷ୍ଟ୍ରି ଉପରେ ବିଭାଗ ପକ୍ଷରୁ ୨ୟ ଦିନରେ ଚଢ଼ାଉ ଜାରିରହିଛି। ହେଲେ କେଉଁ କାରଣରୁ ଚଢ଼ାଉ ହେଉଛି ତାହା ସ୍ପଷ୍ଟ ହୋଇନାହିଁ।

## ଟଙ୍କା ବଣ୍ଟାକୁ ନେଇ ଭାଜପା, ବିଜେଡି କର୍ମୀ ମାରପିଟ

**ଭୂତମୁଣ୍ଡାଇରେ ପ୍ରାକ୍ ନିର୍ବାଚନୀ ହିଂସା**

## ପୋଲିସର ଲାଠି ଚାର୍ଜ

ପାରାଦୀପ,୩୧।୫(ଶରତ ରାଉତ)

ପାରାଦୀପ ନିର୍ବାଚନ ମଣ୍ଡଳୀ ଲକ୍‌ଥାନା ଅନ୍ତର୍ଗତ ଭୂତମୁଣ୍ଡାଇ ପଞ୍ଚାୟତ ୧୧ ଓ ୧୨ ନମ୍ବର ୱାର୍ଡରେ ଶୁକ୍ରବାର ରାତି ୯ଟା ୩୦ରେ ପ୍ରାକ୍ ନିର୍ବାଚନୀ ହିଂସା ହୋଇଛି। ଟଙ୍କା ବଣ୍ଟାକୁ କେନ୍ଦ୍ର କରି ଭାଜପା ଓ ବିଜେଡି କର୍ମୀଙ୍କ ମଧ୍ୟରେ ମାରପିଟ ହୋଇଛି। ଉଭୟ ଦଳର ବହୁ କର୍ମୀ ମୁହାଁମୁହିଁ ହୋଇ ଗଣ୍ଡଗୋଳ କରିବା ବେଳେ ଲକ୍‌ଥାନା ପୋଲିସ ପହଞ୍ଚି ଲାଠି ଚାର୍ଜ କରି ସେମାନଙ୍କୁ ଘଉଡାଇ ଦେଇଛି। ଘଟଣାସ୍ଥଳରେ ୨ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଛି। ଏହି ଗଣ୍ଡଗୋଳରେ ୨ ଦଳର କର୍ମୀ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ଚନ୍ଦୁଆ ସାହୁ, ସରୋଜ, ନିରଞ୍ଜନ ମଲ୍ଲିକ, ରମେଶ ମଲ୍ଲିକ, କାଳନ୍ଦୀ ମଲ୍ଲିକ ପ୍ରମୁଖ ରହିଛନ୍ତି। ରିପୋର୍ଟ ଲେଖାହେବା ପର୍ଯ୍ୟନ୍ତ ଘଟଣା ସ୍ଥଳରେ ତୀବ୍ର ଉତ୍ତେଜନା ଲାଗି ରହିଥିଲା।

# ଆଜି ନିର୍ବାଚନ: ସଚେତନ ଭୋଟରଙ୍କ ମୁହଁରୁ ପଢନ୍ତୁ

ଦେଶର ଶେଷ ପର୍ଯ୍ୟାୟ ମତଦାନ ଶନିବାର ଅନୁଷ୍ଠିତ ହେଉଛି। ଲୋକ ସଭା ସହ ଓଡ଼ିଶା ବିଧାନସଭା ପାଇଁ ଏହି ପର୍ଯ୍ୟାୟରେ ଏକକାଳୀନ ଭୋଟ ଗ୍ରହଣ ହେଉଛି। ଏହି ପର୍ଯ୍ୟାୟର ୬ ଲୋକ ସଭା ମଧ୍ୟରୁ କେନ୍ଦ୍ରାପଡ଼ା ଲୋକ ସଭା ଆସନ ଉପରେ ସମସ୍ତଙ୍କର ନଜର ରହିଛି। ଗଣତନ୍ତ୍ର ପ୍ରତି ଆମ ଭୋଟରମାନେ କେତେ ସଚେତନ, ସେ ସମ୍ପର୍କରେ ବିଭିନ୍ନ ପ୍ରତିକ୍ରିୟା ମିଳିଛି। ଏ ନେଇ ଧରିତ୍ରୀ କେନ୍ଦ୍ରାପଡ଼ା ଜିଲା ଟିମ୍ ପକ୍ଷରୁ ସ୍ୱତନ୍ତ୍ର ଉପସ୍ଥାପନା।

**ସେମାନେ ଯାହା କୁହନ୍ତି**

### ଜିଲାର ଅର୍ଥନୈତିକ ବିକାଶ ହୋଇନାହିଁ



ଅବିଭକ୍ତ କଟକ ଜିଲାରୁ କେନ୍ଦ୍ରାପଡ଼ା ଜିଲା ଭାବେ ୧୯୯୩ ଏପ୍ରିଲ ୧ରେ ମାନ୍ୟତା ମିଳିଲା। ଏଯାଏ ଜିଲାର ଅର୍ଥନୈତିକ ବିକାଶ ନାହିଁ। ନିର୍ବାଚିତ ଲୋକପ୍ରତିନିଧି ଉପଯୁକ୍ତ ଫୋରମରେ ସ୍ୱର ଉଠାଉ ନ ଥିବାରୁ ଶିଳ୍ପ ପ୍ରତିଷ୍ଠା, କର୍ମନିଯୁକ୍ତି, ସ୍ୱାସ୍ଥ୍ୟସେବା ଆଦି ସମସ୍ୟା ଲାଗି ରହିଛି। ସମସ୍ତଙ୍କ ନିକଟରେ ମୌଳିକ ସୁବିଧା ପହଞ୍ଚିପାରୁନହିଁ। ଉପଯୁକ୍ତ ନେତୃତ୍ୱ ଜିଲାର ବିକାଶକୁ ଆଗେଇ ନେଇପାରିବ। ଉପଯୁକ୍ତ ଲୋକପ୍ରତିନିଧିଙ୍କ ଚୟନ କରିବା ଭୋଟରଙ୍କ ପ୍ରଥମ କର୍ତ୍ତବ୍ୟ ହେବା ଆବଶ୍ୟକ।

**-କ୍ଷିତୀଶ କୁମାର ସିଂହ, ଅଧାପକ, ଖଡ଼ିଅଙ୍ଗା।**

### ଉପଯୁକ୍ତ ପ୍ରାର୍ଥୀ ଦେଖି ଭୋଟ ଦେବୁ



ରାଜ୍ୟର ୨୧ ଲୋକ ସଭା କ୍ଷେତ୍ର ମଧ୍ୟରୁ କେନ୍ଦ୍ରାପଡାର ଯଥେଷ୍ଟ ଗୁରୁତ୍ୱ ଅଛି। ଚଳିତ ନିର୍ବାଚନରେ ଜଣେ ସଚେତନ ନାଗରିକ ଭାବେ ଉପଯୁକ୍ତ ପ୍ରାର୍ଥୀ ଦେଖି ଭୋଟ ଦେବୁ। କେନ୍ଦ୍ରାପଡା ଜିଲା ବିକାଶକୁ ପ୍ରାଥମିକତା ଦେଇଛୁ।

**-ମଙ୍ଗୁଳି ଚରଣ ବେହେରା, ରାଜକନିକା**

### ରାଜ୍ୟରେ ପଛୁଆ ଜିଲା ଭାବେ କେନ୍ଦ୍ରାପଡ଼ା ପରିଚିତ



ରାଜ୍ୟରେ ପଛୁଆ ଜିଲା ଭାବେ କେନ୍ଦ୍ରାପଡ଼ା ପରିଚିତ। ଚଳିତ ନିର୍ବାଚନରେ ସମସ୍ତ ଦଳର ପ୍ରାର୍ଥୀ ଓ ନେତାମାନେ ବିକାଶ ପ୍ରସଙ୍ଗକୁ ଆଗରେ ରଖି ଭୋଟ ମାଗିଛନ୍ତି। ବିଶ୍ୱାସଯୋଗ୍ୟ ପ୍ରାର୍ଥୀ ଚୟନ ହୋଇପାରିଲେ ଜିଲାର ସାମୂହିକ ଉନ୍ନତି ହୋଇପାରିବ।

**- ସ୍ୱରୂପାନନ୍ଦ ସାମଲ, ଦକ୍ଷିଣଡିହ**

### ବନ୍ୟା, ବାତ୍ୟା ସହ ମରୁଡିରେ ଜୁଝୁଛନ୍ତି ଜିଲାବାସୀ



ଏହି ଜିଲା ପ୍ରାକୃତିକ ବିପର୍ଯ୍ୟୟ ପ୍ରବଣ। ସାମୁଦ୍ରିକ ଝଡ, ବନ୍ୟା ସହିତ ମରୁଡି ପରି ଅଭାବନୀୟ ପରିସ୍ଥିତିକୁ ଜିଲାବାସୀ ସମ୍ମୁଖୀନ ହେଉଛନ୍ତି। ଏହା ବ୍ୟତୀତ କୃଷିଭିତ୍ତିକ ଅର୍ଥନୀତିରେ ପରିଚାଳିତ ଏହି ଜିଲାର ଚାଷୀ କ୍ଷେତରେ ଜଳସେଚନ ଓ ଜଳ ନିଷ୍କାସନ ସମସ୍ୟାକୁ ଅଙ୍ଗେ ନିଭାଉଛନ୍ତି। ଏସବୁର ସମାଧାନ ପାଇଁ ଲୋକ ସଭା ଓ ବିଧାନସଭାରେ ସ୍ୱର ଉଠିବା ଆବଶ୍ୟକ। ସେପରି ପ୍ରାର୍ଥୀଙ୍କୁ ବାଛିବା ପାଇଁ ନିଷ୍ପତ୍ତି ନେଇଛୁ।

**-ସୁଶାନ୍ତ କୁମାର ଦାଶ, ଦେମାଳ**

### ଦଳୀୟ ଇସ୍ତାହାର ନିରାଶ କରିଛି



ଚଳିତ ନିର୍ବାଚନରେ ଦଳୀୟ ଇସ୍ତାହାର ନିରାଶ କରିଛି। କୌଣସି ରାଜନୈତିକ ଦଳ ଦରଦାମ ନିୟନ୍ତ୍ରଣ ଉପରେ ପଦୁଟିଏ ଉଲ୍ଲେଖ କରିନାହାନ୍ତି। ଏହାସତ୍ତ୍ୱେ ଏହି ନିର୍ବାଚନ ମହାକୁମ୍ଭରେ ସାମିଲ ହୋଇ ଉପଯୁକ୍ତ ପ୍ରାର୍ଥୀ ବାଛିବାକୁ ପଡିବ।

**- ଗୀତାଞ୍ଜଳି ଦାସ, ଚାଟରାଚକଡ଼ା**

### ଦକ୍ଷ ପ୍ରାର୍ଥୀଙ୍କୁ ଭୋଟ ଦେଲେ ଗଣତନ୍ତ୍ର ସୁଦୃଢ଼ ହେବ



ନିଜ ଅଞ୍ଚଳ ପ୍ରତି ଦୃଷ୍ଟି ରଖୁଥିବା ପ୍ରାର୍ଥୀଙ୍କୁ ନିଶ୍ଚିତ ଭାବେ ବହୁ ଭୋଟ ମିଳିବ। ଲୋକଙ୍କ ସୁଖଦୁଃଖରେ ରହୁଥିବା, ନିଷ୍ପାପର ପ୍ରାର୍ଥୀଙ୍କୁ ଭୋଟ ଦେଲେ ଗଣତନ୍ତ୍ରର ସ୍ଥିତି ସୁଦୃଢ଼ ହେବ।

**-ଶିକ୍ଷାବିତ୍ ପ୍ରଭାକର ସାମଲ, ଡେରାବିଶ**

### ଲୋକଙ୍କ ସମସ୍ୟା ବୁଝିଲେ ଅର୍ଥ କାରବାର ହେବନି



ରାଜନୈତିକ ଦଳଗୁଡ଼ିକ ପ୍ରାର୍ଥୀ ଚୟନରେ ସ୍ଥାନୀୟ ଅଞ୍ଚଳର ସମସ୍ୟା ଓ ସମାଧାନରେ ଥିବା ଲୋକଙ୍କୁ ପ୍ରାଥମିକତା ଦେବା ଆବଶ୍ୟକ। ଭୋଟରଙ୍କ ସମସ୍ୟା ବୁଝିଲେ ଭୋଟରମାନେ ଅର୍ଥ କାରବାର ପ୍ରତି ମନ ବଳାଇବେ ନାହିଁ।

**- ବିଧାନ ଦାସ, ରାଜକନିକା**

### ମିଛ ପ୍ରତିଶ୍ରୁତି ପ୍ରତି ଭୋଟରମାନେ ସଚେତନ ହୁଅନ୍ତୁ



ନିର୍ବାଚନ ପର୍ବ ଦେଶର ଗର୍ବ। ମୁକ୍ତ, ନିରପେକ୍ଷ ଓ ଶାନ୍ତିପୂର୍ଣ୍ଣ ନିର୍ବାଚନ ସମସ୍ତେ ଚାହାନ୍ତି। ଏଥିପାଇଁ ନିର୍ବାଚନ ଆୟୋଗ ଦୃଢ଼ ପଦକ୍ଷେପ ନେବା ଜରୁରୀ। ବିଶେଷକରି ମିଛ ପ୍ରତିଶ୍ରୁତି ପ୍ରତି ଭୋଟର ସଚେତନ ହୁଅନ୍ତୁ।

**- ପ୍ରଶାନ୍ତ ନାୟକ, ଅଯୋଧ୍ୟାନଗର**

### ଡଙ୍ଗାରେ ବୁଥ୍‌କୁ ଭୋଟର ଯିବେ



କେନ୍ଦ୍ରାପଡ଼ା ଜିଲାର ଗମନାଗମନ ସ୍ଥିତି ସବୁଆଡେ ଠିକ୍ ନାହିଁ। କେତେକ ସ୍ଥାନରେ ଡଙ୍ଗା ଦ୍ୱାରା ବୁଥ୍‌କୁ ଭୋଟରମାନେ ଯିବେ। ନିଜ ଅଞ୍ଚଳରେ ଭୋଟ ଦେବା ପାଇଁ ପ୍ରଶାସନିକ ପଦକ୍ଷେପ ଜରୁରୀ ହୋଇଛି।

**-ଉତ୍କଳ କେଶରୀ ପାହାଡସିଂ, ବରଜା।**

**ନାଉଗାଁ ବ୍ଲକରେ ପହଞ୍ଚିଲେ ପୋଲିଂ ପାର୍ଟି**

ନାଉଗାଁ, (ସୁଧା ବେହୁରା): ଜଗତ୍‌ସିଂହପୁର ବିଧାନସଭା କ୍ଷେତ୍ରରେ ଭୋଟ୍ ଗ୍ରହଣ ଲାଗି ପ୍ରସ୍ତୁତି ଶେଷ ହୋଇଛି। ନାଉଗାଁ ବ୍ଲକର ୭୬ ଭୋଟ୍ ଗ୍ରହଣ କେନ୍ଦ୍ରରେ ଶୁକ୍ରବାର ବୁଥ୍ ପରିଚାଳନା ଅଧିକାରୀ(ପୋଲିଂ ପାର୍ଟି)ମାନେ ପହଞ୍ଚିଛନ୍ତି। ନାଉଗାଁ ବିଡିଓ ତପନ କୁମାର ମହାପାତ୍ର ଓ ଜିପିଡିଓ ଦିନେଶ ରାୟ ବୁଥ୍‌ଗୁଡ଼ିକ ପରିଦର୍ଶନ କରିଛନ୍ତି। ଶାନ୍ତିଶୃଙ୍ଖଳାର ସହ କିପରି ଭୋଟ୍ ଗ୍ରହଣ ହେବ ସେନେଇ ପ୍ରିଜାଇଡିଂ ଅଫିସରଙ୍କ ସହ ଆଲୋଚନା କରିଛନ୍ତି। ବୁଥ୍‌ଗୁଡ଼ିକର ସୁପରିଚାଳନା ପାଇଁ ୭୬ଟି ବୁଥ୍‌କୁ ୮ଟି ସେକ୍ଟରରେ ବିଭକ୍ତ କରାଯାଇଛି। ଏଥିପାଇଁ ୮ ଜଣ ସେକ୍ଟର ଅଫିସର ନିଯୁକ୍ତ ହୋଇଛନ୍ତି। ଉକ୍ତ ବ୍ଲକରେ ୭୦ ହଜାରରୁ ଉର୍ଦ୍ଧ୍ୱ ମତଦାତା ସେମାନଙ୍କର ମତସାବ୍ୟସ୍ତ କରିବେ।

# ଆଜି ନିର୍ବାଚନ: ସଚେତନ ଭୋଟରଙ୍କ ମୁହଁରୁ ପଢେ

ଦେଶର ଶେଷ ପର୍ଯ୍ୟାୟ ମତଦାନ ଶନିବାର ଅନୁଷ୍ଠିତ ହେଉଛି। ଲୋକ ସଭା ସହ ଓଡ଼ିଶା ବିଧାନସଭା ପାଇଁ ଏହି ପର୍ଯ୍ୟାୟରେ ଏକକାଳୀନ ଭୋଟ ଗ୍ରହଣ ହେଉଛି। ଏହି ପର୍ଯ୍ୟାୟର ୬ ଲୋକ ସଭା ମଧ୍ୟରୁ କେନ୍ଦ୍ରାପଡ଼ା ଲୋକ ସଭା ଆସନ ଉପରେ ସମସ୍ତଙ୍କର ନଜର ରହିଛି। ଗଣତନ୍ତ୍ର ପ୍ରତି ଆମ ଭୋଟରମାନେ କେତେ ସଚେତନ, ସେ ସମ୍ପର୍କରେ ବିଭିନ୍ନ ପ୍ରତିକ୍ରିୟା ମିଳିଛି। ଏ ନେଇ ଧରିତ୍ରୀ କେନ୍ଦ୍ରାପଡ଼ା ଜିଲା ଟିମ୍ ପକ୍ଷରୁ ସ୍ୱତନ୍ତ୍ର ଉପସ୍ଥାପନା।

## ସେମାନେ ଯାହା କୁହନ୍ତି

### ଜିଲାର ଅର୍ଥନୈତିକ ବିକାଶ ହୋଇନାହିଁ



ଅବିଭକ୍ତ କଟକ ଜିଲାରୁ କେନ୍ଦ୍ରାପଡ଼ା ଜିଲା ଭାବେ ୧୯୯୩ ଏପ୍ରିଲ ୧ରେ ମାନ୍ୟତା ମିଳିଲା। ଏଯାଏ ଜିଲାର ଅର୍ଥନୈତିକ ବିକାଶ ନାହିଁ। ନିର୍ବାଚିତ ଲୋକପ୍ରତିନିଧି ଉପଯୁକ୍ତ ଫୋରମରେ ସ୍ୱର ଉଠାଉ ନ ଥିବାରୁ ଶିଳ୍ପ ପ୍ରତିଷ୍ଠା, କର୍ମନିଯୁକ୍ତି, ସ୍ୱାସ୍ଥ୍ୟସେବା ଆଦି ସମସ୍ୟା ଲାଗି ରହିଛି। ସମସ୍ତଙ୍କ ନିକଟରେ ମୌଳିକ ସୁବିଧା ପହଞ୍ଚିପାରୁନାହିଁ। ଉପଯୁକ୍ତ ନେତୃତ୍ୱ ଜିଲାର ବିକାଶକୁ ଆଗେଇ ନେଇପାରିବ। ଉପଯୁକ୍ତ ଲୋକପ୍ରତିନିଧିଙ୍କ ଚୟନ କରିବା ଭୋଟରଙ୍କ ପ୍ରଥମ କର୍ତ୍ତବ୍ୟ ହେବା ଆବଶ୍ୟକ।

**–କ୍ଷୀତୀଶ କୁମାର ସିଂହ, ଅଧ୍ୟାପକ, ଖଡ଼ିଅଙ୍ଗା।**

### ଉପଯୁକ୍ତ ପ୍ରାର୍ଥୀ ଦେଖି ଭୋଟ ଦେବୁ



ରାଜ୍ୟର ୨୧ ଲୋକ ସଭା କ୍ଷେତ୍ର ମଧ୍ୟରୁ କେନ୍ଦ୍ରାପଡାର ଯଥେଷ୍ଟ ଗୁରୁତ୍ୱ ଅଛି। ଚଳିତ ନିର୍ବାଚନରେ ଜଣେ ସଚେତନ ନାଗରିକ ଭାବେ ଉପଯୁକ୍ତ ପ୍ରାର୍ଥୀ ଦେଖି ଭୋଟ ଦେବୁ। କେନ୍ଦ୍ରାପଡା ଜିଲା ବିକାଶକୁ ପ୍ରାଥମିକତା ଦେଇଛୁ।

**–ମଙ୍ଗୁଳି ଚରଣ ବେହେରା, ରାଜକନିକା**

### ରାଜ୍ୟରେ ପଛୁଆ ଜିଲା ଭାବେ କେନ୍ଦ୍ରାପଡ଼ା ପରିଚିତ



ରାଜ୍ୟରେ ପଛୁଆ ଜିଲା ଭାବେ କେନ୍ଦ୍ରାପଡ଼ା ପରିଚିତ। ଚଳିତ ନିର୍ବାଚନରେ ସମସ୍ତ ଦଳର ପ୍ରାର୍ଥୀ ଓ ନେତାମାନେ ବିକାଶ ପ୍ରସଙ୍ଗକୁ ଆଗରେ ରଖି ଭୋଟ ମାଗିଛନ୍ତି। ବିଶ୍ୱାସଯୋଗ୍ୟ ପ୍ରାର୍ଥୀ ଚୟନ ହୋଇପାରିଲେ ଜିଲାର ସାମୂହିକ ଉନ୍ନତି ହୋଇପାରିବ।

**– ସ୍ୱରୂପାନନ୍ଦ ସାମଲ, ଦକ୍ଷିଣଡିହ**

### ବନ୍ୟା, ବାତ୍ୟା ସହ ମରୁଡିରେ ଜୁଝୁଛନ୍ତି ଜିଲାବାସୀ



ଏହି ଜିଲା ପ୍ରାକୃତିକ ବିପର୍ଯ୍ୟୟ ପ୍ରବଣ। ସାମୁଦ୍ରିକ ଝଡ, ବନ୍ୟା ସହିତ ମରୁଡି ପରି ଅଭାବନୀୟ ପରିସ୍ଥିତିକୁ ଜିଲାବାସୀ ସମ୍ମୁଖୀନ ହେଉଛନ୍ତି। ଏହା ବ୍ୟତୀତ କୃଷିଭିତ୍ତିକ ଅର୍ଥନୀତିରେ ପରିଚାଳିତ ଏହି ଜିଲାର ଚାଷୀ କ୍ଷେତରେ ଜଳସେଚନ ଓ ଜଳ ନିଷ୍କାସନ ସମସ୍ୟାକୁ ଅଙ୍ଗେ ନିଭାଉଛନ୍ତି। ଏସବୁର ସମାଧାନ ପାଇଁ ଲୋକ ସଭା ଓ ବିଧାନସଭାରେ ସ୍ୱର ଉଠିବା ଆବଶ୍ୟକ। ସେପରି ପ୍ରାର୍ଥୀଙ୍କୁ ବାଛିବା ପାଇଁ ନିଷ୍ପତ୍ତି ନେଇଛୁ।

**–ସୁଶାନ୍ତ କୁମାର ଦାଶ, ଦେମାଳ**

### ଦଳୀୟ ଇସ୍ତାହାର ନିରାଶ କରିଛି



ଚଳିତ ନିର୍ବାଚନରେ ଦଳୀୟ ଇସ୍ତାହାର ନିରାଶ କରିଛି। କୌଣସି ରାଜନୈତିକ ଦଳ ଦରଦାମ ନିୟନ୍ତ୍ରଣ ଉପରେ ପଦୁଟିଏ ଉଲ୍ଲେଖ କରିନାହାନ୍ତି। ଏହାସତ୍ତ୍ୱେ ଏହି ନିର୍ବାଚନ ମହାକୁମ୍ଭରେ ସାମିଲ ହୋଇ ଉପଯୁକ୍ତ ପ୍ରାର୍ଥୀ ବାଛିବାକୁ ପଡିବ।

**– ଗୀତାଞ୍ଜଳି ଦାସ, ଚାଟରାଚକଡ଼ା**

### ଦକ୍ଷ ପ୍ରାର୍ଥୀଙ୍କୁ ଭୋଟ ଦେଲେ ଗଣତନ୍ତ୍ର ସୁଦୃଢ଼ ହେବ



ନିଜ ଅଞ୍ଚଳ ପ୍ରତି ଦୃଷ୍ଟି ରଖୁଥିବା ପ୍ରାର୍ଥୀଙ୍କୁ ନିଶ୍ଚିତ ଭାବେ ବହୁ ଭୋଟ ମିଳିବ। ଲୋକଙ୍କ ସୁଖଦୁଃଖରେ ରହୁଥିବା, ନିଷ୍ପାପର ପ୍ରାର୍ଥୀଙ୍କୁ ଭୋଟ ଦେଲେ ଗଣତନ୍ତ୍ରର ସ୍ଥିତି ସୁଦୃଢ଼ ହେବ।

**–ଶିକ୍ଷାବିତ୍ ପ୍ରଭାକର ସାମଲ, ଡେରାବିଶ**

### ଲୋକଙ୍କ ସମସ୍ୟା ବୁଝିଲେ ଅର୍ଥ କାରବାର ହେବନି



ରାଜନୈତିକ ଦଳଗୁଡ଼ିକ ପ୍ରାର୍ଥୀ ଚୟନରେ ସ୍ଥାନୀୟ ଅଞ୍ଚଳର ସମସ୍ୟା ଓ ସମାଧାନରେ ଥିବା ଲୋକଙ୍କୁ ପ୍ରାଥମିକତା ଦେବା ଆବଶ୍ୟକ। ଭୋଟରଙ୍କ ସମସ୍ୟା ବୁଝିଲେ ଭୋଟରମାନେ ଅର୍ଥ କାରବାର ପ୍ରତି ମନ ବଳାଇବେ ନାହିଁ।

**– ବିଧାନ ଦାସ, ରାଜକନିକା**

### ମିଛ ପ୍ରତିଶ୍ରୁତି ପ୍ରତି ଭୋଟରମାନେ ସଚେତନ ହୁଅନ୍ତୁ



ନିର୍ବାଚନ ପର୍ବ ଦେଶର ଗର୍ବ। ମୁକ୍ତ, ନିରପେକ୍ଷ ଓ ଶାନ୍ତିପୂର୍ଣ୍ଣ ନିର୍ବାଚନ ସମସ୍ତେ ଚାହାନ୍ତି। ଏଥିପାଇଁ ନିର୍ବାଚନ ଆୟୋଗ ଦୃଢ଼ ପଦକ୍ଷେପ ନେବା ଜରୁରୀ। ବିଶେଷକରି ମିଛ ପ୍ରତିଶ୍ରୁତି ପ୍ରତି ଭୋଟର ସଚେତନ ହୁଅନ୍ତୁ।

**– ପ୍ରଶାନ୍ତ ନାୟକ, ଅଯୋଧ୍ୟାନଗର**

### ଡଙ୍ଗାରେ ବୁଥ୍‌କୁ ଭୋଟର ଯିବେ



କେନ୍ଦ୍ରାପଡ଼ା ଜିଲାର ଗମନାଗମନ ସ୍ଥିତି ସବୁଆଡେ ଠିକ୍ ନାହିଁ। କେତେକ ସ୍ଥାନରେ ଡଙ୍ଗା ଦ୍ୱାରା ବୁଥ୍‌କୁ ଭୋଟରମାନେ ଯିବେ। ନିଜ ଅଞ୍ଚଳରେ ଭୋଟ ଦେବା ପାଇଁ ପ୍ରଶାସନିକ ପଦକ୍ଷେପ ଜରୁରୀ ହୋଇଛି।

**–ଉତ୍କଳ କେଶରୀ ପାହାଡସିଂ, ବରଜା**

## ପାଣିକସାହି ଗ୍ରାମବାସୀଙ୍କ ଭୋଟ ବର୍ଜନ ନିଷ୍ପତ୍ତି

ଆଳି,୩୧।୫ (ବନମାଳୀ ସେନାପତି)

ଶନିବାର ସାଧାରଣ ନିର୍ବାଚନ ହେବାକୁ ଯାଉଥିବା ବେଳେ ଗାଁର ବିଭିନ୍ନ ସମସ୍ୟାକୁ ନେଇ ଭୋଟ ବର୍ଜନ ନିଷ୍ପତ୍ତି କେନ୍ଦ୍ରାପଡ଼ା ଜିଲା ଆଳି ବ୍ଲକ ଅରେହିକଣା ପଞ୍ଚାୟତର କୁମ୍ଭାରଟଙ୍କା ପାଣିକସାହି ଗ୍ରାମବାସୀ ନେଇଛନ୍ତି। ପାଣିକସାହି ଗ୍ରାମବାସୀ ବ୍ୟାନର ଟାଙ୍ଗି ଭୋଟ ବର୍ଜନ କରିବେ ବୋଲି ଘୋଷଣା କରିଛନ୍ତି। ଗ୍ରାମରେ ଦୀର୍ଘବର୍ଷ ହେବ ପାନୀୟ ଜଳ ସମସ୍ୟା ସହିତ ଲୋ ଭୋଲଟେଜ ସମସ୍ୟା, ଗ୍ରାମକୁ ଯିବାକୁ ଭଲ ରାସ୍ତାଟିଏ ନ ଥିବା ବେଳେ ଅଙ୍ଗନୱାଡି ଶିଶୁମାନଙ୍କ ନିମନ୍ତେ ଗୃହ ନ ଥିବା ବେଳେ ୨୫ ଲକ୍ଷ ବ୍ୟୟରେ ନିର୍ମିତ ଗ୍ରାମୀଣ ପାର୍କର ଆଉ କୌଣସି ଚିହ୍ନବର୍ଣ୍ଣ ନ ଥିବାରୁ ସେମାନେ ଖୋଭ ପ୍ରକାଶ କରିଛନ୍ତି।

ଗୋଟିଏ ଜନମଙ୍ଗଳ ରାଷ୍ଟ୍ରରେ ଲୋକମାନଙ୍କୁ ସାଧାରଣ ମୌଳିକ ଆବଶ୍ୟକତା ପୂରଣ କରିବାରେ ପ୍ରଶାସନ ବିଫଳ ହୋଇଥିବାରୁ ଲୋକମାନେ ଏଭଳି ନିଷ୍ପତ୍ତି ଗ୍ରହଣ କରିଥିବା ଜଣାପଡିଛି। ଏପରିକି ସରକାର ପାଣିକସାହି ଗ୍ରାମରେ ବିକାଶମୂଳକ କାର୍ଯ୍ୟର ତଥ୍ୟ ଦେଲେ ଗ୍ରାମବାସୀ ଭୋଟ ଦେବେ ବୋଲି ସେମାନେ କହିଛନ୍ତି। ଏ ସମ୍ପର୍କରେ ଆଳି ବିଡିଓ ମିନତି ଜଗଦେବଙ୍କୁ ଯୋଗାଯୋଗ କରାଯାଇଥିବା ବେଳେ ତାହା ସମ୍ଭବ ହୋଇନି।

## ଡିଙ୍କିଆରୁ ୧ ଲକ୍ଷ ଟଙ୍କା ଜବତ

କୁଜଙ୍ଗ,୨୮।୫ (ମନୋଜ ପ୍ରଧାନ)

ଜଗତ୍‌ସିଂହପୁର ଜିଲାରେ ମତଦାନର ଗୋଟିଏ ଦିନ ପୂର୍ବରୁ ଅଭୟଚାନ୍ଦପୁର ପୋଲିସ ୧ ଲକ୍ଷ ଟଙ୍କା ଜବତ କରିଛି। ଏରସମା ବ୍ଲକ୍ ଅନ୍ତର୍ଗତ ଡିଙ୍କିଆ ଗ୍ରାମର ଜଣେ ବ୍ୟକ୍ତି ବ୍ୟାଗ୍‌ରେ ଲକ୍ଷେଟଙ୍କା ରଖି ଘର ନିକଟରେ ଛିଡ଼ା ହୋଇଥିଲେ। କୌଣସି ସୂତ୍ରରୁ ଖବରପାଇ ପୋଲିସ ସେଠାରେ ସଦଳବଳ ଚଢ଼ାଉକରି ସମ୍ପୃକ୍ତ ବ୍ୟକ୍ତିଙ୍କଠାରୁ ଉପରୋକ୍ତ ଟଙ୍କା ଜବତ କରିଛି। ଏହି ଟଙ୍କା କେଉଁଠୁ ଆସିଲା ବୋଲି ପୋଲିସ ତାଙ୍କୁ ପଚରାଉଚରା କରିଛି। ଏଥିସହ ଥାନାରେ ଷ୍ଟେଶନ ଡାଏରୀ କରାଯାଇଛି। ତଦନ୍ତ ପରେ ଅଧିକ ତଥ୍ୟ ଜଣାପଡ଼ିବ ବୋଲି ଥାନା ଅଧିକାରୀ ରାଜକିଶୋର ବେହେରା କହିଛନ୍ତି। ଅପରପକ୍ଷେ ସମ୍ପୃକ୍ତ ବ୍ୟକ୍ତି ଏକ ରାଜନୈତିକ ଦଳର କର୍ମୀ ହୋଇଥିବାରୁ ଭୋଟରଙ୍କୁ ପ୍ରଭାବିତ କରିବା ପାଇଁ ଏହି ଟଙ୍କା ଅଣାଯାଇଥିବା ଚର୍ଚ୍ଚା ହେଉଛି।

## ରାଜକନିକା ବ୍ଲକ୍‌ରେ ୧୫୩ ବୁଥ୍‌ରେ ମତଦାନ

ରାଜକନିକା ,୩୧।୫(ରବୀନ୍ଦ୍ର କୁମାର ଦାସ)

ଆଳି ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ରାଜକନିକା ବ୍ଲକରେ ଭୋଟର ଶନିବାର ମତଦାନ ସାବ୍ୟସ୍ତ କରିବେ। ତେବେ ଏହାର ପ୍ରସ୍ତୁତି ପର୍ବ ଶେଷ ହେଇଛି। ରାଜକନିକା ବ୍ଲକର ୧୫୩ଟି ବୁଥ୍ ରହିଛି। ଏହି ବୁଥଗୁଡିକରେ ନିର୍ବାଚନ ପରିଚାଳନାକୁ ସ୍ୱାଭାବିକ କରିବା ପାଇଁ ପୋଲିସ ପ୍ରଶାସନ ପକ୍ଷରୁ ପ୍ରତ୍ୟେକ ବୁଥ୍‌ରେ ପୋଲିସ ରହିଥିବା ବେଳେ ୩୬ଟି ବୁଥ୍‌ରେ ସଶସ୍ତ୍ର ଯବାନଙ୍କୁ ନିୟୋଜିତ କରାଯାଇଛି। ୧୨ଟି ମୋବାଇଲ ପାର୍ଟି ବିଭିନ୍ନ ବୁଥକୁ ତଦାରଖ କରୁଛନ୍ତି। ରାଜକନିକା ବ୍ଲକର ବିଡିଓ ପୃଥୀରାଜ ପରିଡା, ଥାନା ଅଧିକାରୀ ଦିଲୀପ କୁମାର ଧଳ, ସୀମା ସୁରକ୍ଷା ବଳର ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ଆଶୁତୋଷ କୁମାର, ଇନ୍ସପେକ୍ଟର ଅଶୋକ କୁମାର ପରଚାଳନାରେ ସାମିଲ ଥିବା ଜଣାପଡିଛି।



ନିର୍ବାଚନ ପରିଚାଳନା ପାଇଁ ଯବାନମାନଙ୍କୁ ବୁଥ୍ ଗୁଡିକୁ ପଠାଯାଇଛି।

## ସୁରକ୍ଷାକୁ ନିଶ୍ଚିତ କରିବ 'ହୋସିଆର-୨୪'





ପ୍ରଶିକ୍ଷଣ ଶିବିରରେ ଯୋଗଦେଇଥିବା ଜବାନମାନେ।

### କୋଷ୍ଟଗାର୍ଡର ଅସ୍ତ୍ର ପ୍ରଶିକ୍ଷଣ ଶିବିର

ପାରାଦୀପ,୩୧।୫(ଶରତ ରାଉତ)

ଓଡ଼ିଶା କୋଷ୍ଟଗାର୍ଡ ମୁଖ୍ୟାଳୟ ୭ ପାରାଦୀପ ପକ୍ଷରୁ ଗତ ୨୭ରୁ ଅସ୍ତ୍ର ପ୍ରଶିକ୍ଷଣ ଶିବିର ଆୟୋଜନ କରାଯାଇଛି। ଏହାର ନାମ 'ହୋସିଆର-୨୦୨୪' ରହିଛି। ଏଥିରେ ଯୋଗ୍ୟ ଓ ଅନୁଭବୀ ପ୍ରଶିକ୍ଷକଙ୍କ ଜରିଆରେ ଯବାନମାନଙ୍କୁ ୨ ପ୍ରକାର ପ୍ରଶିକ୍ଷଣ ଦିଆଯାଇଛି ବୋଲି କୋଷ୍ଟଗାର୍ଡ ମୁଖ୍ୟାଳୟ ପକ୍ଷରୁ ସୂଚନା ମିଳିଛି। ତାହା ହେଲା ଡ୍ରିଲ ଓ ଉନ୍ନତ ଶସ୍ତ୍ର ପରିଚାଳନା। ସମୁଦ୍ର ମଧ୍ୟରେ ପାଟ୍ରୋଲିଂ ସମୟରେ ଜାହାଜ ଉପରେ ପ୍ରକୃତ ସମୟ ମଧ୍ୟରେ ବୋର୍ଡିଂ କରିବା, ନିଜ କ୍ଷମତାକୁ ସୁଚାରୁରୂପେ କାର୍ଯ୍ୟକାରୀ କରିବା ହେଉଛି ଉନ୍ନତ ଶସ୍ତ୍ର ପରିଚାଳନା। ପାରମ୍ପରିକ ପ୍ରତିବନ୍ଧକର ମୁକାବିଲା କରିବା ପାଇଁ କିପରି ନିଜକୁ ଯୋଗ୍ୟ କରିବେ ଏଥିରେ ସେସବୁ ଉପରେ ପ୍ରଶିକ୍ଷଣ ଦିଆଯାଇଛି। ଏଭଳି ପ୍ରକ୍ରିୟାରେ ଯବାନମାନେ ସମୁଦ୍ର ମଧ୍ୟରେ ଅର୍ଥନୈତିକ କାରବାରକୁ ସୁରକ୍ଷା ଦେବା ସହ ପରିବେଶ ସନ୍ତୁଳନ ଓ ସୁରକ୍ଷାକୁ ନିଶ୍ଚିତ କରିବେ ବୋଲି କୁହାଯାଇଛି। ଡ୍ରିଲ କାର୍ଯ୍ୟକ୍ରମ ଅଧୀନରେ କ୍ୟାମ୍ପ୍ ଫାୟାର, ସମ୍ମିଳିତ ପରେଡ୍ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆଦି ଆୟୋଜନ କରାଯାଇଥିଲା।

## ଟଙ୍କା ବଣ୍ଟାକୁ ନେଇ ଭାଜପା, ବିଜେଡି କର୍ମୀ ମାରପିଟ

### ଭୂତମୁଣ୍ଡାଇରେ ପ୍ରାକ୍ ନିର୍ବାଚନୀ ହିଂସା

### ପୋଲିସର ଲାଠି ଚାର୍ଜ

ପାରାଦୀପ,୩୧।୫(ଶରତ ରାଉତ)

ପାରାଦୀପ ନିର୍ବାଚନ ମଣ୍ଡଳୀ ଲକ୍‌ଥାନା ଅନ୍ତର୍ଗତ ଭୂତମୁଣ୍ଡାଇ ପଞ୍ଚାୟତ ୧୧ ଓ ୧୨ ନମ୍ବର ୱାର୍ଡରେ ଶୁକ୍ରବାର ରାତି ୯ଟା ୩୦ରେ ପ୍ରାକ୍ ନିର୍ବାଚନୀ ହିଂସା ହୋଇଛି। ଟଙ୍କା ବଣ୍ଟାକୁ କେନ୍ଦ୍ର କରି ଭାଜପା ଓ ବିଜେଡି କର୍ମୀଙ୍କ ମଧ୍ୟରେ ମାରପିଟ ହୋଇଛି। ଉଭୟ ଦଳର ବହୁ କର୍ମୀ ମୁହାଁମୁହିଁ ହୋଇ ଗଣ୍ଡଗୋଳ କରିବା ବେଳେ ଲକ୍‌ଥାନା ପୋଲିସ ପହଞ୍ଚି ଲାଠି ଚାର୍ଜ କରି ସେମାନଙ୍କୁ ଘଉଡାଇ ଦେଇଛି। ଘଟଣାସ୍ଥଳରେ ୨ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଛି। ଏହି ଗଣ୍ଡଗୋଳରେ ୨ ଦଳର କର୍ମୀ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ଚନୁଆ ସାହୁ, ସରୋଜ, ନିରଞ୍ଜନ ମଲ୍ଲିକ, ରମେଶ ମଲ୍ଲିକ, ରାକେଶ ମଲ୍ଲିକ, କାଳନ୍ଦୀ ମଲ୍ଲିକ ପ୍ରମୁଖ ରହିଛନ୍ତି। ରିପୋର୍ଟ ଲେଖାହେବା ପର୍ଯ୍ୟନ୍ତ ଘଟଣାସ୍ଥଳରେ ତୀବ୍ର ଉତ୍ତେଜନା ଲାଗି ରହିଥିଲା।

## ୭୫ ବୁଥ୍ ପାଇଁ ୮ ସେକ୍ଟର ଅଫିସରଙ୍କୁ ଦାୟିତ୍ୱ

ରଘୁନାଥପୁର,୩୧।୫ (ରାଜେନ୍ଦ୍ର ନାରାୟଣ ସିଂହ)

ରଘୁନାଥପୁର ବ୍ଲକର ୭୫ ବୁଥ୍‌ରେ ଶୁକ୍ରବାର ଅପରାହ୍ନ ସୁଦ୍ଧା ପୋଲିଂ ପାର୍ଟି ପହଞ୍ଚିଛନ୍ତି। ଶନିବାର ମତଦାନ ପାଇଁ ମୋଟ ୮ ଜଣ ସେକ୍ଟର ଅଫିସରଙ୍କୁ ଦାୟିତ୍ୱ ଦିଆଯାଇଛି। ସେମାନେ ହେଲେ ସୁଚିତ୍ରାନନ୍ଦ ପଣ୍ଡା, ମଣିକାନ୍ତ ବିଶ୍ୱାଳ, ସୁଦାମ ଚରଣ ଗୁରୁ, ସଞ୍ଜୁ କିଷାନ, ବିରୂପାକ୍ଷ ସେଠି, ମନୋଜ ଭୋଇ, କୁଞ୍ଜବିହାରି ପ୍ରଧାନ, ଦୁଃଖିଶ୍ୟାମ। ସେମାନଙ୍କ ବ୍ୟତୀତ ସୁଜିତ୍ କୁମାର ମହାପାତ୍ର ଓ ଅର୍ଜୁନ କୁମାର ସାମଲ ରିଜର୍ଭ ଭାବେ ବ୍ଲକରେ ରହିବେ।

ପ୍ରତି ସେକ୍ଟର ଅଫିସରଙ୍କ ଗାଡିରେ ପୋଲିସ ବାହିନୀ ନିୟୋଜିତ ରହିବେ। ରିଟର୍ନିଂ ଓ ଆସିଷ୍ଟାଣ୍ଟ ରିଟର୍ନିଂ ଅଫିସର, ଅବଜର୍ଭର ଏବଂ ବିଡିଓ ସ୍ୱତନ୍ତ୍ର ଭାବେ ନିର୍ବାଚନ ଦାୟିତ୍ୱ ପରିଚାଳନା କରିବେ ବୋଲି ବ୍ଲକଜିପିଓ ସ୍ୱାରକ ମହାନ୍ତି ସୂଚନା ଦେଇଛନ୍ତି।

## ଅଂଶୁଘାତଜନିତ ପରିସ୍ଥିତିର ମୁକାବିଲା ପାଇଁ ସତର୍କତା ଜାରି

ଜଗତ୍‌ସିଂହପୁର, ୩୧।୫ (ପ୍ରମୋଦ କୁମାର ନାୟକ)

ରାଜ୍ୟରେ ଭୟଙ୍କର ଅଂଶୁଘାତଜନିତ ପରିସ୍ଥିତି ସୃଷ୍ଟି ହୋଇଛି। ଜଗତ୍‌ସିଂହପୁରପରି ଉପକୂଳବର୍ତ୍ତୀ ଜିଲାରେ ଗୁଳୁଗୁଳି ଯୋଗୁ ଲୋକେ ଅସ୍ତବ୍ୟସ୍ତ ହେଉଛନ୍ତି। ଉପକୂଳବର୍ତ୍ତୀ ଜିଲାରେ ୪୩ ଡିଗ୍ରୀ ସେଲ୍‌ସିୟସ ତାପମାତ୍ରା ରେକର୍ଡ କରାଯାଇଛି। ଆସନ୍ତା ୩ ଦିନ ଏହି ଉତ୍ତାପଜନିତ ପରିସ୍ଥିତି ଜାରି ରହିବ। ଏଥିସହ ୨ରୁ ୩ଡିଗ୍ରୀ ପର୍ଯ୍ୟନ୍ତ ବୃଦ୍ଧି ଘଟିବାର ଆଶଙ୍କା ରହିଛି ବୋଲି ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ରାତିର ତାପମାତ୍ରା ସ୍ୱାଭାବିକଠାରୁ ଅଧିକ ଥିବାରୁ ଉଷ୍ଣରାତି ଜନିତ ଆଲର୍ଟ ଜାରି କରାଯାଇଛି। ଜିଲାରେ ଅଂଶୁଘାତଜନିତ ପରିସ୍ଥିତିରେ ମୁକାବିଲା ପାଇଁ ଜଗତ୍‌ସିଂହପୁର ଜିଲାପାଳ ଅନୁପମ ଶାହାଙ୍କ ପକ୍ଷରୁ ଜନ ସଚେତନତା ଓ ସତର୍କ ସୂଚନା ଜାରି କରାଯାଇଛି। ସକାଳ ୧୧ଟାରୁ ଅପରାହ୍ନ ୩ଟା ମଧ୍ୟରେ ବାହାରକୁ ଯାଉଥିବା ଲୋକଙ୍କୁ ସତର୍କତା ଅବଲମ୍ବନ ପାଇଁ ପରାମର୍ଶ ଦିଆଯାଇଛି। ସମସ୍ତ ଯାତ୍ରୀବାହୀ ବସ୍‌ରେ ଆବଶ୍ୟକ ପାନୀୟଜଳ, ଓଆର୍‌ଏସ୍ ଏବଂ ବରଫ କ୍ୟୁବ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ଅଂଶୁଘାତଜନିତ ପରିସ୍ଥିତିରେ ପୀଡ଼ିତଙ୍କ ଚିକିତ୍ସା ପାଇଁ ମେଡିକାଲରେ ସ୍ୱତନ୍ତ୍ର ଚିକିତ୍ସା ବ୍ୟବସ୍ଥା କରିବାକୁ ଜିଲା ସ୍ୱାସ୍ଥ୍ୟ ବିଭାଗକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଆବଶ୍ୟକ ନ ଥିଲେ ବାହାରକୁ ନ ଯିବାକୁ ଜନସାଧାରଣଙ୍କୁ ପରାମର୍ଶ ଦିଆଯାଇଛି। ବାହାରକୁ ବାହାରିବା ସମୟରେ ସୂତା ଓ ଢିଲା ପୋଷାକ ପିନ୍ଧିବା ସହ ମୁଣ୍ଡରେ ଓଦା ଗାମୁଛା ବାନ୍ଧି, ସାଙ୍ଗରେ ପାଣି ବୋତଲ, ଛତା,ଜୋତା ଆଦି ନେବାକୁ ଜିଲାପାଳ କହିଛନ୍ତି। ଖରାରେ ଅଧିକ ଶାରୀରିକ ପରିଶ୍ରମ ନ କରି ସକାଳ ୧୧ଟା ପୂର୍ବରୁ ଏବଂ ଖରା କମିବା ପରେ କାମକୁ ବାହାରିବାକୁ ଜିଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

## ଜିଲାର ୫୦ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ ଆଜି

### ୧୭ ଲକ୍ଷରୁ ଉର୍ଦ୍ଧ୍ୱ ଭୋଟରଙ୍କ ପାଇଁ ୨୦୦୭ ବୁଥ୍ ପ୍ରସ୍ତୁତ

କେନ୍ଦ୍ରାପଡ଼ା, ୩୧।୫ (ଜଗନ୍ନାଥ ଧଳ)

ରାଜ୍ୟର ଚତୁର୍ଥ ପର୍ଯ୍ୟାୟ ଭୋଟ ପାଇଁ ଶନିବାର ମତଦାନ ହେବ। ଏହି ଅବସରରେ କେନ୍ଦ୍ରାପଡ଼ା ଲୋକ ସଭା ସମେତ ଜିଲାର ପାଟକୁରା, କେନ୍ଦ୍ରାପଡ଼ା, ଆଳି, ରାଜନଗର, ମହାକାଳପଡ଼ା, କଟକ ଜିଲାର ସାଲେପୁର ଓ ମାହାଙ୍ଗା ବିଧାନସଭା ପାଇଁ ନିର୍ବାଚନ ହେବ। ଲୋକ ସଭା ନିର୍ବାଚନମଣ୍ଡଳୀରେ ଥିବା ମୋଟ ୧୭,୬୨,୯୭୮ ଭୋଟରଙ୍କ ପାଇଁ ୨୦୦୭ ବୁଥ୍ ପ୍ରସ୍ତୁତ ହୋଇଛି। ଶନିବାର ଜିଲାର ୫୦ ପ୍ରାର୍ଥୀଙ୍କ ଭାଗ୍ୟ ଭୋଟର ନିର୍ଦ୍ଧାରଣ କରିବେ। ଚଳିତ ନିର୍ବାଚନ ପ୍ରତିଦ୍ୱନ୍ଦ୍ୱିତାରେ ଲୋକ ସଭା ଆସନ ପାଇଁ ୧୦ ପ୍ରାର୍ଥୀ ଅଛନ୍ତି। ସେହିପରି ଜିଲାର ପାଟକୁରା ଓ କେନ୍ଦ୍ରାପଡ଼ା ବିଧାନସଭା ଆସନ ପାଇଁ ୮ ଜଣ ଲେଖାଏ, ରାଜନଗର ଓ ମହାକାଳପଡ଼ା ଆସନ ପାଇଁ ୯ ଜଣ ଲେଖାଏ ଓ ଆଳି ବିଧାନସଭା ଆସନ ପାଇଁ ୬ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତାରେ ଅଛନ୍ତି। ତେବେ ନିର୍ବାଚନକୁ ଗଣତାନ୍ତ୍ରିକ ପରମ୍ପରାରେ ସୁଚାରୁ ରୂପେ ସମ୍ପନ୍ନ ପାଇଁ ସମସ୍ତ ପ୍ରସ୍ତୁତି ସରିଥିବା ଜିଲା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି।

## ଆଜି ନିର୍ବାଚନ, ଜନାଦେଶକୁ ନେଇ ଚାଲିଛି ଅଙ୍କକଷା

- ସମସ୍ତ ବୁଥ୍‌ରେ ପହଞ୍ଚିଲେ ପୋଲିଂ କର୍ମଚାରୀ
- ନେତାଙ୍କ ଅନ୍ଧାରୀ ବିଜେକୁ ଜଗିଛନ୍ତି ପ୍ରତିପକ୍ଷ

ଜଗତ୍‌ସିଂହପୁର, ୩୧।୫ (ପ୍ରମୋଦ କୁମାର ନାୟକ)

ଶନିବାର ଜଗତ୍‌ସିଂହପୁର ଜିଲାରେ ନିର୍ବାଚନ। ଚଳିତବର୍ଷ ଜିଲାରେ କାଁ ଭାଁ ଗଣ୍ଡଗୋଳକୁ ବାଦ୍ ଦେଲେ ନିର୍ବାଚନ ପୂର୍ବରୁ ସେଭଳି କିଛି ବଡ଼ ଧରଣର ରାଜନୈତିକ ହିଂସା ଘଟିନାହିଁ। ଜିଲାର ୧୮୧ଟି ସମ୍ବେଦନଶୀଳ ଓ ୩୩ଟି ଅତି ସମ୍ବେଦନଶୀଳ ବୁଥ୍ ଥିବା ଚିହ୍ନଟ କରାଯାଇଛି। ସମ୍ଭାବ୍ୟ ପରିସ୍ଥିତିକୁ ଦୃଷ୍ଟିରେ ରଖି ପୋଲିସ, ପ୍ରଶାସନ ପକ୍ଷରୁ କଡ଼ା ନଜର ରଖାଯାଇଛି। ନିର୍ବାଚନ ଅବାଧ ଓ ନିରପେକ୍ଷ କରିବା ପାଇଁ ଉଦ୍ୟମ ହେଉଥିବା ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ଅନୁପମ ଶାହା ସୂଚନା ଦେଇଛନ୍ତି। ଗତ ୩୦ ତାରିଖରେ ଜିଲାର ବାଲିକୁଦା-ଏରସମା ଓ ପାରାଦୀପ ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ପୋଲିଂ କର୍ମଚାରୀମାନେ ବୁଥ୍‌ଗୁଡ଼ିକରେ ପହଞ୍ଚିଥିଲେ। ଶୁକ୍ରବାର ରାତି ସୁଦ୍ଧା ଅବଶିଷ୍ଟ ୨ ଅର୍ଥାତ୍ ଜଗତ୍‌ସିଂହପୁର ଏବଂ ତିର୍ତ୍ତୋଲ ବିଧାନସଭା ନିର୍ବାଚନମଣ୍ଡଳୀର ବୁଥ୍‌ଗୁଡ଼ିକରେ ପୋଲିଂ କର୍ମଚାରୀମାନେ ପହଞ୍ଚି ସାରିଛନ୍ତି। ନିର୍ବାଚନର ୪୮ ଘଣ୍ଟା ପୂର୍ବରୁ ବିଭିନ୍ନ ପ୍ରକାର ସତର୍କତା ଅବଲମ୍ବନ କରାଯାଇଛି। ସେଗୁଡିକ ମଧ୍ୟରୁ ପ୍ରଚାର ଓ ପ୍ରସାର ଉପରେ କଟକଣା ଲଗାଯିବା ଗୁରୁତ୍ୱପୂର୍ଣ୍ଣ। ସେହିପରି ଲାଉଡ୍ ସ୍ପିକର, ଢାବା, ଗେଷ୍ଟ ହାଉସ, ଲଜିଂ ଆଦିରେ ବାହାର ଲୋକ ରହିବା ଉପରେ ବାରଣ, ଦେଶୀ ଓ ବିଦେଶୀ ମଦ ବିକ୍ରି ଉପରେ କଟକଣା ଲଗାଯାଇଛି। ନିର୍ବାଚନ ନେଇ ସମସ୍ତ ପ୍ରସ୍ତୁତି ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଥିବା ବେଳେ ସମ୍ଭାବ୍ୟ ପରିସ୍ଥିତିକୁ ଏଡ଼ାଇବା ପାଇଁ ଖସଡ଼ା ପ୍ରସ୍ତୁତ କରାଯାଇଛି। କିନ୍ତୁ ଯାହା ଦେଖାଯାଉଛି ଶୁକ୍ରବାର ନେତାମାନେ ନିଜ ସପକ୍ଷରେ ଭୋଟ ଜୁଟାଇବା ପାଇଁ ଶେଷ ଅସ୍ତ୍ର ପ୍ରୟୋଗ କରୁଛନ୍ତି। ବିଶେଷକରି କ୍ଷମତା, ଅର୍ଥ ବଳର ପ୍ରଭାବ ଦେଖିବାକୁ ମିଳୁଛି। ଗାଁଠୁ ସହର ଚାରିଆଡ଼େ ଭୋଜିର ଆସର ଜମୁଛି। ଅନେକ ସ୍ଥାନରେ ଭୋଜି ଯୋଗୁ ଆରୋପ, ପ୍ରତ୍ୟାରୋପ ଏପରି କି ଗଣ୍ଡଗୋଳ ଭଳି ପରିସ୍ଥିତି ସୃଷ୍ଟି ହେଉଛି। ଅନେକ ବ୍ୟକ୍ତି ଓ ଯୁବକଙ୍କୁ ମାଗଣାରେ ମଦ ଦିଆଯାଇ ପ୍ରତିପକ୍ଷଙ୍କୁ ଦୁର୍ବଳ କରିବା ପାଇଁ ବ୍ୟବହାର କରାଯାଉଛି। ରାତିରେ ନେତାମାନେ ଅନ୍ଧାରି ବିଜେ କରୁଛନ୍ତି। କାଳେ ସେମାନେ ଭୋଟରଙ୍କୁ ପ୍ରଭାବିତ କରିବେ ସେନେଇ ପ୍ରତିଦ୍ୱନ୍ଦ୍ୱୀ ଦଳର ନେତା ଓ କର୍ମୀ ଜଗି ରହୁଛନ୍ତି। ହାତରେ ଲାଠି ସାଙ୍ଗକୁ ଟର୍ଚ୍ଚ ଧରି କାଳେ କିଏ କାହା ଘରେ ପଶି ଅର୍ଥ ଦେଇ ଭୋଟ କିଣିବାକୁ ଚେଷ୍ଟା କରିବ ସେନେଇ ଜଗୁଛନ୍ତି। ଏ ପରିସ୍ଥିତିରେ ଦେଖିବାର ଅଛି ଜନମତ କାହା ସପକ୍ଷରେ ଯାଉଛି। ସୂଚନାଯୋଗ୍ୟ, ୨୦୧୪ ସାଧାରଣ ନିର୍ବାଚନରେ ପାରାଦୀପ ଓ ତିର୍ତ୍ତୋଲ ବିଧାନସଭା ନିର୍ବାଚନ ମଣ୍ଡଳୀର କିଛି ଅଞ୍ଚଳରେ ମତଦାନ ହାର ୫୦%ରୁ କମ୍ ଥିଲା। ଚଳିତ ନିର୍ବାଚନରେ ଏହି ହାର ବଢ଼ାଇବା ପାଇଁ ବିଭିନ୍ନ କାର୍ଯ୍ୟକ୍ରମ କରାଯାଇଛି। ୨୦୧୯ରେ ଯାହା ମତଦାନ ଥିଲା ଏଥର ତା'ଠାରୁ ଅଧିକ କରିବାକୁ ଜିଲା ପ୍ରଶାସନ ପକ୍ଷରୁ ଚେଷ୍ଟା ଚାଲିଥିବା ଜିଲାପାଳ କହିଛନ୍ତି।





ନିର୍ବାଚନ ପାଇଁ ପୋଲିଂ ପାର୍ଟି ବୁଥ୍‌କୁ ଯାଉଛନ୍ତି।

# ପ୍ରତି ଥାନାରେ ଖୋଲିବ ହେଲ୍ପ ଡେକ୍ସ


ବୈଠକରେ ଯୋଗଦେଇଥିବା ପ୍ରଶାସନିକ ଅଧିକାରୀ ଓ ବରିଷ୍ଠ ନାଗରିକମାନେ।

■ବରିଷ୍ଠ ନାଗରିକଙ୍କ ସଚେତନତା ବୈଠକ
■ନିଯୁକ୍ତି ପାଇବେ ନୋଡାଲ ଅଫିସର
■ଦଶପଲ୍ଲା ବାଣିଗୋଛା ରାସ୍ତାରେ ଚାଲିବ ୨ ପିସିଆର ଭ୍ୟାନ
■ବ୍ୟାଟେରି ଚାଳିତ ଅଟୋ ରିକ୍ସା ପୁଣି ଚାଲିବ
■ଅସୁବିଧାକୁ ମେସେଜ, ଫୋନରେ ଜଣାଇବାକୁ ଏସ୍‌ପିଙ୍କ ନିବେଦନ

ନୟାଗଡ଼,୩୧।୫(ଲୋକନାଥ ମିଶ୍ର)

ନୟାଗଡ଼ ଜିଲା ପରିଷଦ ସମ୍ମିଳନୀ କକ୍ଷ ସୃଜନରେ ଶୁକ୍ରବାର ସନ୍ଧ୍ୟାରେ ବରିଷ୍ଠ ନାଗରିକଙ୍କ ସଚେତନତା ଉଦ୍ଦେଶ୍ୟରେ ବୈଠକ ଜିଲା ପୋଲିସ ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି। ନୟାଗଡ଼ ଏସ୍‌ପି ରାହୁଲ ଜୈନଙ୍କ ଆବାହକତ୍ୱରେ ଅନୁଷ୍ଠିତ ବୈଠକରେ ଜିଲାପାଳ ସ୍ୱାଧାଦେବ ସିଂ, ଅତିରିକ୍ତ ଜିଲାପାଳ ଦିଲୀପ କୁମାର ବଳ ଓ ରୋଜିନା ଦାଶ, ଜିଲା ପରିଷଦର ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ଦେବଦତ୍ତ ପଣ୍ଡା, ଉପଜିଲାପାଳ କର୍ଣ୍ଣଦେବ ସମାଦାରୀ, ନୟାଗଡ଼ ବନଖଣ୍ଡ ଅଧିକାରୀ କ୍ଷମା ଷଡଙ୍ଗୀ, ମହାନଦୀ ବନ୍ୟ ପ୍ରାଣୀ ଡିଏଫ୍‌ଓ ଫାଲଗୁନୀ ସାରଥି ମଲ୍ଲିକ, ନୟାଗଡ଼ ଏସ୍‌ଡିପିଓ ସୁଦର୍ଶନ ଗାଙ୍ଗୋଇ, ଖଣ୍ଡପଡ଼ା ଏସ୍‌ଡିପିଓ ବିମଳ କୁମାର ବାରିକ ପ୍ରମୁଖ ଯୋଗ ଦେଇଥିଲେ। ଅନ୍ୟପକ୍ଷେ ଜିଲାର ବିଭିନ୍ନ ବ୍ଲକ, ସହରାଞ୍ଚଳରୁ ୨୫୦ରୁ ଊର୍ଦ୍ଧ୍ୱ ବରିଷ୍ଠ ନାଗରିକ, ଜିଲାସ୍ତରୀୟ ଗଣମାଧ୍ୟମର ପ୍ରତିନିଧି, ପୋଲିସ, ଜିଲାସ୍ତରୀୟ ଅଧିକାରୀ ଯୋଗ ଦେଇଥିଲେ। ଭୋଟ ଗ୍ରହଣ ପୂର୍ବରୁ, ପରେ ଗଣ୍ଡଗୋଳ ଓ ମାରପିଟ୍ ନ ହୋଇ ଶାନ୍ତିଶୃଙ୍ଖଳାର ସହ ଶେଷ ହୋଇଛି। ଭୋଟ ଗଣତି ପରେ ଯେଉଁ ଦଳ ବିଜୟୀ ହେଉନା କାହିଁକି ଶାନ୍ତି ପ୍ରତିଷ୍ଠା ପାଇଁ ଜିଲାପାଳ, ଏସ୍‌ପିଙ୍କ ସମେତ ପଦଧିକାରୀମାନେ ବରିଷ୍ଠ ନାଗରିକଙ୍କ ସହଯୋଗ ଲୋଡିଥିଲେ। ସେହିପରି ଗାଁ ଓ ସହରରେ କିପରି ଶାନ୍ତି ବଜାୟ ରହି ପାରିବ, ଆଇନ ଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ନ ହେବ ସେଥିପ୍ରତି ସହଯୋଗ କରିବାକୁ ପରାମର୍ଶ ଲୋଡିଥିଲେ। ଜିଲାର ପ୍ରତି ଥାନାରେ ହେଲ୍ପ ଡେକ୍ସ ଏକ ସପ୍ତାହ ମଧ୍ୟରେ ଖୋଲିବ। ଏଥିରେ ନୋଡାଲ ଅଫିସର ନିୟୋଜିତ ହେବେ। ଦଶପଲ୍ଲା ବାଣିଗୋଛା ରାସ୍ତାରେ ଦୁର୍ଘଟଣା ବଢ଼ିଥିବାବେଳେ ଚୋରି, ଡକାୟତି ବଢ଼ୁଛି। ଏହାର ନିରାକରଣ ପାଇଁ ୨ଟି ପିସିଆର ମାସେ ମଧ୍ୟରେ ଚାଲୁ ହେବ ବୋଲି ଦଶପଲ୍ଲାର ବରିଷ୍ଠ ନାଗରିକ ନନ୍ଦ କିଶୋର ମିଶ୍ରଙ୍କ ଅଭିଯୋଗ ଶୁଣିବା ପରେ ଏସ୍‌ପି ଜୈନ ପ୍ରତିଶ୍ରୁତି ଦେଇଛନ୍ତି। ପ୍ରତି ପଞ୍ଚାୟତରେ ହେଲଥ କ୍ୟାମ୍ପ କରାଯିବାକୁ ଜିଲାପାଳ ସିଂ ପ୍ରତିଶ୍ରୁତି ଦେଇଛନ୍ତି।

ବରିଷ୍ଠ ନାଗରିକ ପ୍ରତାପ ନନ୍ଦଙ୍କ ମତାମତ ଉପରେ ଜିଲାପାଳ ସିଂ କହିଥିଲେ, ରେଳଯାତ୍ରାରେ ବରିଷ୍ଠ ନାଗରିକଙ୍କ ପାଇଁ ୪୦ ପ୍ରତିଶତ ରିହାତି ପୁଣିଥରେ ଯୋଗାଇବାକୁ ସରକାରଙ୍କୁ ଅବଗତ କରାଯିବ। ବରିଷ୍ଠ ନାଗରିକଙ୍କ ପାଇଁ ଅଟୋ ରିକ୍ସ ସେବା ମାସେ ମଧ୍ୟରେ ପୁନଃ ଚାଲୁ ହେବ। ଏଥିରେ ଭିନ୍ନକ୍ଷମମାନେ ମଧ୍ୟ ସୁବିଧା ପାଇପାରିବେ। ଦଶପଲ୍ଲାର ବରିଷ୍ଠ ନାଗରିକ ପ୍ରସନ୍ନ ପଣ୍ଡାଙ୍କ ଅଭିଯୋଗକୁ ଗୁରୁତ୍ୱ ଦେଇ ଜିଲାପାଳ ସିଂ କହିଥିଲେ ବ୍ୟାଙ୍କ, ଡାକ୍ତରଖାନା ଓ ବିଭିନ୍ନ ଲାଇନ ଡିପାର୍ଟମେଣ୍ଟରେ ବରିଷ୍ଠ ନାଗରିକ ଆଉ ଧାଡିରେ ରହିବେନି। ସେମାନଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବ। ଏ ନେଇ ଜିଲାସ୍ତରୀୟ ବୈଠକ କରାଯାଇ ଏହାର ସମାଧାନ କରାଯିବ। ଦରକାର ପଡିଲେ ପ୍ରତି ୩ ମାସରେ ଥରେ ବୈଠକ କରାଯାଇ ବରିଷ୍ଠ ନାଗରିକଙ୍କ ଆପତ୍ତି ଅଭିଯୋଗ ଶୁଣାଯିବ ବୋଲି କହିଥିଲେ। ଦଶପଲ୍ଲା ବ୍ଲକର ବରିଷ୍ଠ ନାଗରିକ ସଂଘର ସଭାପତି ପ୍ରାଣକୃଷ୍ଣ ବେହେରାଙ୍କ ଅଭିଯୋଗ ଉପରେ ଜିଲାପାଳ ହସ୍ତକ୍ଷେପ କରି କହିଥିଲେ, ଓଡ଼ଗାଁ ପରି ଦଶପଲ୍ଲାରେ ବୃଦ୍ଧାଶ୍ରମ କରାଯିବ। ତେବେ ଏଥିପାଇଁ ସ୍ଥାନୀୟ ଏନ୍‌ଜିଓ ଆଗେଇ ଆସିବା ଦରକାର। ଅନ୍ୟ ବ୍ଲକରେ ମଧ୍ୟ ବଦ୍ଧାଶ୍ରମ କରାଯାଇପାରିବ। ଝାରପଡ଼ାର ବରିଷ୍ଠ ନାଗରିକ ଭାସ୍କର ଚନ୍ଦ୍ର ପ୍ରଧାନଙ୍କ ଅଭିଯୋଗ ଉପରେ ଜିଲାପାଳ ସିଂ କହିଥିଲେ, ସହରାଞ୍ଚଳ ପରି ଗାଁର ବରିଷ୍ଠ ନାଗରିକଙ୍କୁ ସରକାରୀ ସୁବିଧା ସୁଯୋଗରେ ଯେପରି ମିଳିବ ତା'ର ବ୍ୟବସ୍ଥା କରାଯିବ। କଣ୍ଟିଲୋର ବରିଷ୍ଠ ନାଗରିକ ଅଖିଳ ମହାରଣାଙ୍କ ଅଭିଯୋଗ ଉପରେ ଏସ୍‌ପି ଜୈନ କହିଥିଲେ, ନିର୍ବାଚନୀ ହିଂସାକୁ ରୋକିବାକୁ ପୋଲିସ ଗୁରୁତ୍ୱ ଦେଇ ଆସିଛି। ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ବ୍ୟବସ୍ଥା, ବରିଷ୍ଠ ନାଗରିକଙ୍କ ଅସୁବିଧା ଉପରେ ସବୁ ସମୟରେ ଏସ୍‌ପିଙ୍କର ସହଯୋଗ ରହିଛି ଓ ରହିବ। ସେହିପରି ବରିଷ୍ଠ ନାଗରିକ ଗୋଦାବରିଶ ସାହୁ, ବହୁ ବରିଷ୍ଠ ନାଗରିକଙ୍କ ପରାମର୍ଶ ଓ ଅଭିଯୋଗକୁ ଜିଲାପାଳ ଓ ଏସ୍‌ପି ଶୁଣିବା ସହ ପ୍ରତିକାର କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ସେହିପରି ବରିଷ୍ଠ ନାଗରିକ ଯଦି କିଛି ଅସୁବିଧାର ସମ୍ମୁଖୀନ ହେବେ, ଗାଁ ଓ ସହର ପାଇଁ କିଛି କରିବାର ଥିଲେ ଫୋନ୍ ଓ ମେସେଜ ଯୋଗେ ଅବଗତ କରାଇବାକୁ ଏସ୍‌ପି ନିଜର ନମ୍ବର ଦେଇଛନ୍ତି। ନୟାଗଡ଼ ଅତିରିକ୍ତ ଏସ୍‌ପି ସୁବାସ ପଣ୍ଡା ସଭା ପରିଚାଳନା କରିଥିବାବେଳେ ଶରଣକୁଳ ଏସ୍‌ଡିପିଓ ସୁଧାକର ସାହୁ ଧନ୍ୟବାଦ ଦେଇଥିଲେ। ଶେଷରେ ବରିଷ୍ଠ ନାଗରିକଙ୍କୁ ପରିଚୟ ପତ୍ର ବଣ୍ଟନ କରାଯାଇଥିଲା।

# ଶିକ୍ଷୟିତ୍ରୀ ବୋହୂଙ୍କୁ ପିଟି ପିଟି ହତ୍ୟା

ନୟାଗଡ଼,୩୧।୫(ଲୋକନାଥ ମିଶ୍ର)


ତପନ କୁମାର ସ୍ୱାଇଁ।


ପଦ୍ମିନୀ ପ୍ରଧାନ।

■ସ୍ୱାମୀ ଗିରଫ; ଦିଅର, ଶ୍ୱଶୁର ଫେରାର
■ଗାଡ଼ି କିଣିବାକୁ ୮୦ ଲକ୍ଷ ଟଙ୍କା ଦେବାକୁ ଅରାଜି ହୋଇଥିଲେ

ଗାଡ଼ି କିଣିବା ପାଇଁ ୮୦ ଲକ୍ଷ ଟଙ୍କା ଦେବାକୁ ଅରାଜି ହେବା ପରେ ଶିକ୍ଷୟିତ୍ରୀ ବୋହୂଙ୍କୁ ଗୁରୁବାର ରାତିରେ ପିଟି ପିଟି ମାରିଦେଲେ ଶାଶୁଘର ଲୋକ ବୋଲି ଅଭିଯୋଗ ହୋଇଛି। ନୟାଗଡ଼ ଜିଲା ଇଟାମାଟି ଥାନା ଚମ୍ପତିପୁର ଗାଁରେ ଏଭଳି ଘଟଣାକୁ ନେଇ ଚାଞ୍ଚଲ୍ୟ ସୃଷ୍ଟି ହୋଇଛି। ହତ୍ୟାର ଶିକାର ହୋଇଥିବା ଶିକ୍ଷୟିତ୍ରୀ ହେଲେ ପଦ୍ମିନୀ ପ୍ରଧାନ(୩୨)। ସେ ଓଡ଼ଗାଁ ଆଦର୍ଶ ବିଦ୍ୟାଳୟରେ ଶିକ୍ଷୟିତ୍ରୀ ଭାବେ କାର୍ଯ୍ୟ କରୁଥିଲେ। ଏହି ଘଟଣାରେ ପୋଲିସ ସ୍ୱାମୀ ତପନ କୁମାର ସ୍ୱାଇଁ (୩୭)ଙ୍କୁ ଗିରଫ କରି ପଚରାଉଚରା କରୁଛି। ତେବେ ହତ୍ୟା ପରେ ଦିଅର ଓ ଶ୍ୱଶୁର ଫେରାର ହୋଇଯାଇଛନ୍ତି।

ଓଡ଼ଗାଁ ଥାନା ସାକେରି ଗାଁର ରାଜୀବ ପ୍ରଧାନଙ୍କ ଝିଅ ପଦ୍ମିନୀ ୯ ବର୍ଷ ତଳେ ଚମ୍ପତିପୁର ଗାଁର ତପନଙ୍କୁ ବିବାହ କରିଥିଲେ। ବିବାହ ସମୟରେ ବରପକ୍ଷ ଦାବି ମୁତାବକ ଯୌତୁକ କନ୍ୟାଘର ପକ୍ଷରୁ ଦିଆଯାଇଥିଲା। କିଛିମାସ ଏହି ଦମ୍ପତି ଭଲରେ ଚାଲିଥିଲେ। ପଦ୍ମିନୀଙ୍କ ଟଙ୍କାକୁ ସ୍ୱାମୀ ମନଇଚ୍ଛା ଅପବ୍ୟୟ କରିବା ପରେ ବିବାଦ ଦେଖାଦେଇଥିଲା। ତପନ ୮୦ ଲକ୍ଷ ଟଙ୍କାରେ ଗାଡ଼ି କିଣିବାକୁ ପଦ୍ମିନୀଙ୍କ ଉପରେ ଚାପ ପକାଇଥିଲେ। ପଦ୍ମିନୀ ଟଙ୍କା ନାହିଁ କହିବା ପରେ ଶାଶୁଘର ପକ୍ଷରୁ ଶାରୀରିକ ଓ ମାନସିକ ନିର୍ଯାତନା ଆରମ୍ଭ ହୋଇଥିଲା। ଭଦ୍ରଲୋକଙ୍କ ଉପସ୍ଥିତିରେ ବିଭିନ୍ନ ସମୟରେ ବିବାଦ ସମାଧାନ ହୋଇଥିଲେ ମଧ୍ୟ ସ୍ୱାମୀ, ଶ୍ୱଶୁର ଓ ଦିଅର ମିଳିମିଶି ପଦ୍ମିନୀଙ୍କୁ ଗୁରୁବାର ରାତିରେ ହତ୍ୟା କରିଥିବା ଅଭିଯୋଗ ହୋଇଛି। ଅଭିଯୋଗ ପାଇବା ପରେ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ ପୋଲିସ ସ୍ୱାମୀ, ଶ୍ୱଶୁର ଓ ଦିଅରଙ୍କ ନାଁରେ ନଂ.୨୧୬/୨୪ରେ ମାମଲା ରୁଜୁକରି ତଦନ୍ତ ଜାରି ରଖିଛି।

ମୃତା ପଦ୍ମିନୀଙ୍କ ବାପା ରାଜୀବ ଓ ମା' ସୁଦର୍ଶନ ଗାଙ୍ଗୋଇଙ୍କ ଥାନାରେ ଅଭିଯୋଗ ଅନୁସାରେ ଝିଅଠାରୁ ସମସ୍ତ ଦରମା ଟଙ୍କା ସ୍ୱାମୀ ନେଇ ଅପବ୍ୟୟ କରୁଥିଲେ। ଝିଅ ବିରୋଧ କରିବାରୁ ବିବାଦ ହୋଇଥିଲା। ଗାଡ଼ି ପାଇଁ ୮୦ ଲକ୍ଷ ଟଙ୍କା ନ ଦେବାରୁ ଶାଶୁଘର ଲୋକେ ମାରିଦେଇଛନ୍ତି। ଘଟଣାର ଉପଯୁକ୍ତ ତଦନ୍ତ କରି ନ୍ୟାୟ ଦିଆଯାଉ। ମୃତାଙ୍କ ଶିଶୁପୁତ୍ର ମା'ଙ୍କୁ ବାପା, ଦାଦା ଓ ଜେଜେବାପା ପିଟି ମାରି ଦେଇଛନ୍ତି ବୋଲି କହିଛନ୍ତି। ଏ ସମ୍ପର୍କରେ ଆଇଆଇସି ଦିଲୀପ ସ୍ୱାଇଁଙ୍କୁ ପଚାରିବାରେ ହତ୍ୟା ମାମଲା ରୁଜୁ କାରାଯାଇ ସ୍ୱାମୀଙ୍କୁ ଗିରଫ କରାଯାଇଛି। ଶନିବାର କୋର୍ଟ ଚାଲାଣ କରାଯିବ। ଅନ୍ୟପକ୍ଷେ ସାଇଣ୍ଟିଫିକ୍ ଟିମ୍ ତଦନ୍ତ କରି ଫେରିଛି ବୋଲି ସେ କହିଛନ୍ତି।

# ବିଦ୍ୟୁତ୍ ଯୋଗାଣ ଦାବିରେ ରାସ୍ତାରୋକୋ

ଦଶପଲ୍ଲା, ୩୧।୫(ପ୍ରକାଶ କୁମାର ପାଣି)

ଦଶପଲ୍ଲା ବ୍ଲକ ଅନ୍ତର୍ଗତ ଟାକେରାଠାରେ ଶୁକ୍ରବାର ବିଦ୍ୟୁତ୍ ଯୋଗାଣ ଦାବିକରି ଉକ୍ତ ଅଞ୍ଚଳର ଜନସାଧାରଣ ରାସ୍ତାରୋକୋ ଆନ୍ଦୋଳନ କରିଥିଲେ। ଫଳରେ କିଛି ସମୟ ଖୋର୍ଦ୍ଧା–ବଲାଙ୍ଗୀର ୫୭ନଂ. ଜାତୀୟ ରାଜପଥରେ ଯାନବାହନ ଚଳାଚଳ ବନ୍ଦ ରହିଥିଲା। ଫଳରେ ରାସ୍ତାର ଦୁଇପାର୍ଶ୍ୱରେ ବହୁ ଯାନବାହନ ଅଟକି ରହିଥିଲା।

ପ୍ରକାଶଥାଉ କି, ମଙ୍ଗଳବାର ଦଶପଲ୍ଲା ସମେତ ଟାକେରା ଏବଂ ଏହାର ଆଖପାଖ ଅଞ୍ଚଳରେ କାଳବୈଶାଖୀରେ ବ୍ୟାପକ କ୍ଷୟକ୍ଷତି ହେବା ସହ ଗଛସବୁ ଭାଙ୍ଗି ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ ହୋଇପଡ଼ିଛି। ବିଦ୍ୟୁତ୍ ବିନା ଜନସାଧାରଣ ନାହିଁ ନ ଥିବା ହଇରାଣର ସମ୍ମୁଖୀନ ହେଉଛନ୍ତି। ଫଳରେ ଜନଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ତେବେ ବିଦ୍ୟୁତ୍ ଯୋଗାଣ ଦାବି ନେଇ ପୂର୍ବାହ୍ନ ୧୧ଟାରେ ଟାକେରା ଛକଠାରେ କେତେଜଣ ରାସ୍ତାରେ ଗଛ ପକାଇ ଆନ୍ଦୋଳନ କରିଥିଲେ। ଫଳରେ ଯାନବାହନ କିଛି ସମୟ ଚଳାଚଳ ବନ୍ଦ ରହିଥିଲା। ଫଳରେ ଜନସାଧାରଣ ତଥା ଯାତ୍ରୀମାନେ ବହୁ ହଇରାଣର ସମ୍ମୁଖୀନ ହୋଇଥିଲେ। ରାସ୍ତାରୋକୋ ଖବର ପାଇ ଦଶପଲ୍ଲା ଥାନା ଆଇଆଇସି ମୁକେଶ କୁମାର ବେହେରା ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରି ରାସ୍ତାରୁ ହଟାଇଥିଲେ। ପରେ ଯାନବାହନ ଚଳାଚଳ ସ୍ୱାଭାବିକ ହୋଇଥିଲା।


ଗଛଡାଳ ପକାଇ ରାସ୍ତାରୋକୋ କରାଯାଇଛି।

# ସାରା ରାତି ଚାପ ଖେଳିଲେ ରଘୁନାଥ, ମନ୍ଦିର ଖୋଲା


ଡଙ୍ଗାରେ ଜୀଉମାନେ ଚାପ ଖେଳୁଛନ୍ତି।


ଚାଚେରି ଭୋଗ ଖାଇବାକୁ ଠାକୁରମାନେ ବିମାନରେ ଯାଉଛନ୍ତି।

ଓଡ଼ଗାଁ, ୩୧।୫
(ଆଦର୍ଶ କୁମାର ପଟ୍ଟନାୟକ)

■ମହୁମାଛି ଉପଦ୍ରବ, ନୀତି ବିଳମ୍ବ
■ନଗର ପରିକ୍ରମା ବେଳେ ଚାଚେରି ଭୋଗ ଅର୍ପଣ

ଓଡ଼ଗାଁ ରାମସାଗର ପୁଷ୍କରିଣୀରେ ଗୁରୁବାର ସାରାରାତି ମିତ୍ର ରାମେଶ୍ୱର ମହାଦେବ ଏବଂ ରାଧାକୃଷ୍ଣ ଜୀଉଙ୍କ ସହ ପ୍ରଭୁ ଶ୍ରୀରାମ, ଭ୍ରାତା ଲକ୍ଷ୍ମଣ, ପତ୍ନୀ ସୀତା ଓ ଭକ୍ତ ହନୁମାନ ଚାପ ଖେଳିଛନ୍ତି। ଏଣେ ରାତିସାରା ମନ୍ଦିର ଖୋଲା ରହିଥିଲା। ଭଉଁରି ସମାପ୍ତ ପରେ ଶୁକ୍ରବାର ସକାଳେ ସମସ୍ତ ଠାକୁରଙ୍କୁ ମଣି ବିମାନରେ ବିଜେ କରାଇ ପୁଷ୍କରିଣୀ ତଟରେ ପୂଜାବିଧି ଚାଲିଥିବା ବେଳେ ହଠାତ୍ ମହୁମାଛିଙ୍କ ଉପଦ୍ରବ ଆରମ୍ଭ ହୋଇଥିଲା। ଫଳରେ ସ୍ଥାନ ଛାଡ଼ି କିଏ କୁଆଡ଼େ ଚାଲିଯାଇଥିଲେ। ମହୁମାଛିଙ୍କ ଆକ୍ରମଣରେ ସ୍ନାନ କରୁଥିବା ଜଣେ ବୃଦ୍ଧ ମଧ୍ୟ ଗୁରୁତର ହୋଇପଡ଼ିଥିଲେ। ଓଡ଼ଗାଁ ଡାକ୍ତରଖାନାରେ ତାଙ୍କର ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ନୟାଗଡ଼ ସ୍ଥାନାନ୍ତର କରାଯାଇଥିଲା। ବୃଦ୍ଧ ଜଣକ ଓଡ଼ଗାଁ ପାଇକସାହିର ବିଶ୍ୱନାଥ ମହାରଣା (୭୫)। ପ୍ରାୟ ଏକଘଣ୍ଟା ପରେ ପରିସ୍ଥିତି ସ୍ୱାଭାବିକ ହେବାରୁ ଠାକୁରଙ୍କୁ ଆଳତି ପ୍ରଦାନ କରାଯାଇଥିଲା। ଏକ ଘଣ୍ଟା ବିଳମ୍ବରେ ଠାକୁରମାନଙ୍କୁ ଘଣ୍ଟ, ଘଣ୍ଟି, ଖୋଳତାଳ, କାହାଳୀ ବଜାଇ ରୋଶଣିରେ ଛତି ତ୍ରାସ୍ ଧରି ସେବକ ଓ ଶ୍ରଦ୍ଧାଳୁମାନେ ଶୋଭାଯାତ୍ରାରେ ଯାଇ ଓଡ଼ଗାଁ ନଗର ପରିକ୍ରମା କରାଇଥିଲେ। ପୂର୍ବ ପରମ୍ପରାକ୍ରମେ ଓଡ଼ଗାଁରେ ଥିବା ତହସିଲ କାର୍ଯ୍ୟାଳୟ, ବ୍ଲକ, ଏନ୍‌ଏସି, ଥାନା, ବନାଞ୍ଚଳ କାର୍ଯ୍ୟାଳୟ ବ୍ୟତୀତ ବିଭିନ୍ନ ଶିକ୍ଷାନୁଷ୍ଠାନ ସହିତ ସମସ୍ତ ସରକାରୀ ଓ ବେସରକାରୀ ଅନୁଷ୍ଠାନରେ ଠାକୁର ଚାଚେରି ଭୋଗ ଗ୍ରହଣ କରିଥିଲେ। ଆମ ପରମ୍ପରା ଓ ସଂସ୍କୃତି ଅନୁସାରେ ୧୨ ଦିନେ ୧୩ ପର୍ବ। ଓଡ଼ଗାଁଠାରେ ବିରାଜିତ ଶ୍ରୀରଘୁନାଥ ଜୀଉଙ୍କ ଚାପଖେଳ ଅଥବା ଭଉଁରି ଯାତ୍ରା ଶୁକ୍ରବାର ସମାପ୍ତ ହୋଇଥିବା ବେଳେ ଶନିବାରଠାରୁ ଭିତର ଚନ୍ଦନଯାତ୍ରା ଆରମ୍ଭ ହୋଇ ୨୧ ଦିନ ପର୍ଯ୍ୟନ୍ତ ଚାଲିବ ବୋଲି ମନ୍ଦିର ପରିଚାଳନା କମିଟି ପକ୍ଷରୁ ଜଣାପଡ଼ିଛି।

# ଭଞ୍ଜ ଜୟନ୍ତୀ ପାଳନ ପ୍ରସ୍ତୁତି ବୈଠକ

ନୟାଗଡ଼,୩୧।୫(ଲୋକନାଥ ମିଶ୍ର)

କବି ସମ୍ରାଟ୍ ଉପେନ୍ଦ୍ର ଭଞ୍ଜଙ୍କ ସିଦ୍ଧି ଓ ସାଧନାର କ୍ଷେତ୍ର ନୂଆଗାଁ ବ୍ଲକ ଅନ୍ତର୍ଗତ ମାଳିସାହି ଗତିଶ୍ୱରଙ୍କ ପୀଠରେ ଭଞ୍ଜ ଜୟନ୍ତୀ ଉତ୍ସବ ପାଳନ ପାଇଁ ଶୁକ୍ରବାର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଉପେନ୍ଦ୍ର ଭଞ୍ଜ ସାହିତ୍ୟ ଓ ସଂସ୍କୃତି ପରିଷଦର ସଭାପତି କୃଷ୍ଣଚନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଗତବର୍ଷ ଭଞ୍ଜ ଜୟନ୍ତୀ ଉତ୍ସବର ବିଭିନ୍ନ ଦିଗ ଉପରେ ଆଲୋଚନା କରାଯାଇଥିଲା। ଜୟନ୍ତୀ ଉତ୍ସବକୁ ଅଧିକ ଉତ୍ସବମୁଖର ତଥା ଭଞ୍ଜଙ୍କ ଏହି ଅନାଲୋଚିତ ସାଧନାର ପୀଠକୁ ପ୍ରଚାର ପ୍ରସାର କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଚଳିତ ଭଞ୍ଜ ଜୟନ୍ତୀ ଉତ୍ସବ ଜୁନ୍ ୧୦ରେ ପାଳନ କରାଯିବା ସହ ଉତ୍ସବକୁ ସରସ ସୁନ୍ଦର କରିବା ଲାଗି ଭଞ୍ଜ ବିଶାରଦ, ଭଞ୍ଜ ଗବେଷକ ତଥା ଉଦୀୟମାନ୍ ବ୍ୟକ୍ତିଙ୍କୁ ନିମନ୍ତ୍ରଣ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଅତିଥି ଚୟନ ପାଇଁ ସାମାଜିକ କର୍ମୀ ବିଶ୍ୱନାଥ ମହାପାତ୍ର ଓ ଭଞ୍ଜ ଗବେଷକ ପ୍ରଫେସର ଡ. ପ୍ରେମାନନ୍ଦ ମହାପାତ୍ରଙ୍କୁ ଦାୟିତ୍ୱ ଦିଆଯାଇଛି। ଉପେନ୍ଦ୍ର ଭଞ୍ଜଙ୍କ ଚଲାବାଟ ବାଲୁଗାଁ –ମହୀପୁର ରାସ୍ତାକୁ ଉପେନ୍ଦ୍ର ଭଞ୍ଜ ମାର୍ଗ ନାମରେ ନାମିତ କରାଯିବା ପାଇଁ ପ୍ରସ୍ତାବ ଗୃହୀତ ହୋଇଛି। ବୈଠକରେ ପ୍ରଧାନୀ ବୃନ୍ଦାବନ ମହାପାତ୍ର, ନିରଞ୍ଜନ ସାହୁ, ରାମଚନ୍ଦ୍ର ମହାପାତ୍ର, ବାଙ୍କନିଧି ପଟ୍ଟନାୟକ, ଗୋବିନ୍ଦ ଚନ୍ଦ୍ର ଧରା ମହାପାତ୍ର, ବସିରୁନ୍ ବିବି, ପବିତ୍ର ବଳବନ୍ତରାୟ, ପ୍ରେମାନନ୍ଦ ପାଟ୍ଟଶାଣୀ ଓ ସୁରେନ୍ଦ୍ର ନାଥ ପ୍ରଧାନ ପ୍ରମୁଖ ଯୋଗଦେଇ ଥିଲେ। ଶେଷରେ ଭଞ୍ଜପ୍ରେମୀ ଭାଗୀରଥି ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ।


ପ୍ରସ୍ତୁତି ବୈଠକରେ ଯୋଗଦେଇଥିବା ଅତିଥିମାନେ।

# ଅବସର ନେଲେ ଅଧକ୍ଷ

ନୟାଗଡ଼,୩୧।୫(ଲୋକନାଥ ମିଶ୍ର)
ନୟାଗଡ଼ ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧକ୍ଷ ଅଶ୍ୱିନୀ କୁମାର ନାୟକ ଶୁକ୍ରବାର ଅବସର ନେଇଛନ୍ତି। ତାଙ୍କ ସ୍ଥାନରେ ବିପିନ କୁମାର ପଟ୍ଟନାୟକ ନୂତନ ଅଧକ୍ଷ ଭାବେ ନୟାଗଡ଼ ସ୍ୱୟଂଶାସିତ ମହାବିଦ୍ୟାଳୟର ଦାୟିତ୍ୱ ଦିଆଯାଇଛି। ଅଶ୍ୱିନୀଙ୍କ ଅବସର ନେଲା ପରେ ବିପିନଙ୍କୁ ଦାୟିତ୍ୱ ହସ୍ତାନ୍ତର କରିଛନ୍ତି। ମହାବିଦ୍ୟାଳୟର ଅଧାପିକାଅଧାପକ ଓ କର୍ମଚାରୀମାନେ ନୂତନ ଅଧକ୍ଷ ସ୍ୱାଗତ କରିଥିବା ବେଳେ ଅବସରପ୍ରାପ୍ତ ଅଧକ୍ଷଙ୍କୁ ବିଦ୍ୟାକାଳୀନ ସମ୍ବର୍ଦ୍ଧନା ଦେଇଛନ୍ତି।

# ସାନଙ୍କୁ ମାଡ଼ ମାରି ଜେଲ ଗଲେ ବଡ଼ଭାଇ

ନୟାଗଡ଼,୩୧ ।୫(ଲୋକନାଥ ମିଶ୍ର)
ସାନ ଭାଇଙ୍କୁ ମାଡ ମାରି ବଡ ଭାଇ ପଦ୍ମନାଭ ବେହେରା(୭୨)ଜେଲଯିବାକୁପଡିଛି।ଏଭଳି ଘଟଣା ଲେଙ୍କୁଡିପଡାରେ ଘଟିଛି। ଜମିବାଡି ବିବାଦକୁ ନେଇ ବଡ ଭାଇ ପଦ୍ମନାଭ ଓ ସାନ ଭାଇ ପତି ତପାବନ ବେହେରା(୭୦)ଙ୍କ ମଧ୍ୟରେ କଳହ ଥିଲା। ଗୁରୁବାର ପଦ୍ମନାଭ ରାଗରେ ସାନଭାଇଙ୍କୁ ମାଡ ମାରି ଆହତ କରିଛନ୍ତି। ସାନ ଭାଇ ଗୁରୁତର ହୋଇ ସ୍ଥାନୀୟ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି। ସାନଭାଇଙ୍କ ଅଭିଯୋଗକ୍ରମେ ପୋଲିସ ବଡଭାଇଙ୍କୁ ନଂ. ୧୮୯/୨୪ ମାମଲାରେ ଗିରଫ କରି କୋର୍ଟଚାଲାଣ କରିଥିଲା।

## ଶ୍ରୀନୀଳମାଧବ ଜୀଉଙ୍କ ଚନ୍ଦନଯାତ୍ରା ଶେଷ

# ସାହିଯାତ ସାରି ଗମ୍ଭୀରାକୁ ଫେରିଲେ ଶ୍ରୀଜୀଉ

ଖଣ୍ଡପଡ଼ା,୩୧।୫
(ଅଜୟ କୁମାର ମହାରଣା)

ପବିତ୍ର ଅକ୍ଷୟ ତୃତୀୟାଠାରୁ ଆରମ୍ଭ ହୋଇଥିବା କଣ୍ଟିଲୋ ନୀଳମାଧବ ଜୀଉଙ୍କ ସାହିଯାତ ତଥା ଚନ୍ଦନ ଯାତ୍ରା ଗୁରୁବାର ସମ୍ପନ୍ନ ହୋଇଛି। ଏହାପରେ ଠାକୁରମାନଙ୍କୁ ପାରମ୍ପରିକ ରୀତିରେ ବାହୁଡ଼ା ବିଜେ କରାଯାଇ ଗମ୍ଭୀରାକୁ ପ୍ରତ୍ୟାବର୍ତ୍ତନ କରାଯାଇଛି। ଶ୍ରୀଜୀଉମାନଙ୍କୁ ପୁନର୍ବାର ଚନ୍ଦନ ଯାତ୍ରା ଅବସରରେ ଦର୍ଶନ କରିବାକୁ ହେଲେ ପୁଣି ଆର ବର୍ଷକୁ ଅପେକ୍ଷା କରିବାକୁ ପଡ଼ିବ। ଅକ୍ଷୟ ତୃତୀୟାଠାରୁ ୨୧ ଦିନ ଧରି ମହାପ୍ରଭୁ ନୀଳମାଧବ ଜୀଉଙ୍କ ଚଳନ୍ତି ପ୍ରତିମା ମଦନ ମୋହନଙ୍କ ସହ ଲକ୍ଷ୍ମୀ, ସରସ୍ୱତୀ, ଶିବ ଓ ପାର୍ବତୀ ପାରମ୍ପରିକ ରୀତିରେ ସୁସଜ୍ଜିତ ପୃଥକ୍ ମଣି ବିମାନରେ ଚନ୍ଦନ ପୁଷ୍କରିଣୀକୁ ବିଜେ ହୋଇ ଦ୍ୱିପ୍ରହର ଓ ସନ୍ଧ୍ୟାରେ ଚାପଡଙ୍ଗାରେ ଆରୂଢ଼ ହୋଇ ଜଳକ୍ରୀଡ଼ା କରୁଥିଲେ। ଏଥିସହ ୧୧ ଚାପ ପରଠାରୁ ଶ୍ରୀଜୀଉମାନେ ସାହି ସାହି ବୁଲି ପ୍ରତ୍ୟେକଙ୍କ ଦୁଆରେ ଚାଚେରି ଭୋଗ ଖାଉଥିଲେ। ଠାକୁରଙ୍କ ବିଧିବ୍ୟବସ୍ଥା କ୍ରମେ ଶ୍ରୀଜୀଉମାନେ ଗୁରୁବାର ବିଳମ୍ବିତ ରାତିରେ ଚନ୍ଦନ ପୋଖରୀରେ ୧୮ ଚାପ ଖେଳି ସେବକସାହିକୁ ଚାଚେରି ଭୋଗ ଖାଇବାକୁ ଯାଇଥିଲେ। ପରେ ପାହାନ୍ତାକୁ ଠାକୁରମାନେ ପୁଣି ସେବକସାହିରୁ ଚାଚେରି ଭୋଗ ଖାଇ ଚନ୍ଦନ ପୋଖରୀରେ ୩ ଘେରା ଚାପ ଖେଳିଥିଲେ। ଶୁକ୍ରବାର ଥିଲା ଠାକୁରଙ୍କ ବାସି ଭଉଁରୀ ଯାତ୍ରା ବା ବାହୁଡ଼ା ବିଜେ। ସକାଳୁ ଠାକୁରଙ୍କ ନୀତି ତ୍ୱରାନ୍ୱିତ କରାଯାଇ ଓ ବିଧିପୂର୍ବକ ପୂଜାନୀତି ସମ୍ପନ୍ନ କରାଯାଇ ସନ୍ଧ୍ୟା ପ୍ରାୟ ୮ଟାରେ ଠାକୁରମାନେ ଗ୍ରାମ ପରିକ୍ରମା କରି ବାକିଥିବା ଗୃହରେ ଚାଚେରି ଭୋଗ ଖାଇ ରାତି ପ୍ରାୟ ୧୦ଟାରେ ମନ୍ଦିର ଅଭିମୁଖେ ବିଜେ ହୋଇଥିଲେ। ଠାକୁରମାନେ ଭିନ୍ନ ଭିନ୍ନ ସୁସଜ୍ଜିତ ବିମାନରେ ସାହି ପରିକ୍ରମା କରି ଫେରିବା ସମୟରେ ବିମାନ ଆଗରେ ଘଣ୍ଟ, ଛତ୍ରି, କାହାଳୀ, ମଶାଲ, ଖୋଳ, ତାଳ ପଟୁଆର ସମେତ ମହିଳାମଣ୍ଡଳୀ ପକ୍ଷରୁ ସଂକୀର୍ତ୍ତନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶ୍ରୀଜୀଉମାନେ ସାହିଗୁଡିକରୁ ଚାଚେରି ଭୋଗ ଖାଇ ନୀଳମାଧବ ମନ୍ଦିର କାର୍ଯ୍ୟାଳୟଠାରେ ପହଞ୍ଚିଥିଲେ।


ଚାଚେରୀ ଭୋଗ ଖାଇବା ଲାଗି ଦିଅଁଙ୍କୁ ନିଆଯାଉଛି।

୩ଟି ବିମାନରେ ଆରୂଢ଼ ହୋଇଥିବା ଠାକୁରମାନଙ୍କୁ ପୂଜାର୍ଚ୍ଚନା ପରେ ହଜାର ହଜାର ଶ୍ରଦ୍ଧାଳୁଙ୍କ ଗହଣରେ ଶ୍ରୀଜୀଉମାନଙ୍କୁ ବିମାନ ସହ ଝୁଲାଇ ଝୁଲାଇ ବାହୁଡ଼ା ବିଜେ କରାଯାଇଥିଲା। ମନ୍ଦିର ସିଂହଦ୍ୱାର ନିକଟରେ ପହଞ୍ଚିବା ପରେ ବଡ଼ମଠ ନିକଟରେ ଠାକୁରମାନଙ୍କୁ ଗୋଲମରିଚ ପଣାଭୋଗ ଲାଗି ସହ ପୂଜାର୍ଚ୍ଚନା କରାଯାଇ ଶ୍ରୀଜୀଉମାନଙ୍କୁ ହାନ୍ଦୋଳାରେ ମନ୍ଦିରର ଗମ୍ଭୀରାକୁ ବିଜେ କରାଯାଇଥିଲା।

ସୂଚନାଯୋଗ୍ୟ, ଠାକୁରମାନେ ଦୀର୍ଘଦିନ ଧରି ସାହି ସାହି ବୁଲି ପ୍ରତ୍ୟେକଙ୍କ ଦୁଆରେ ଭୋଗ ଖାଇବା ଦ୍ୱାରା ଅଜୀର୍ଣ୍ଣବୋଧ କରିବା ହେତୁ ଶ୍ରୀଜୀଉମାନଙ୍କୁ ଗୋଲମରିଚ ପଣା ପ୍ରଦାନ କରିବା ବିଧି ଥିବା କଥିତ ରହିଛି। ନୀଳମାଧବ ଜୀଉଙ୍କ ଚଳନ୍ତି ପ୍ରତିମା ମଦନ ମୋହନ ପୁନର୍ବାର ଆସନ୍ତାବର୍ଷ ଚନ୍ଦନ ଯାତ୍ରାକୁ ବାହାରିବେ। ଫଳରେ ଶ୍ରୀଜୀଉଙ୍କ ଦର୍ଶନ ପାଇଁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ପରମ୍ପରାନୁଯାୟୀ, ଚନ୍ଦନ ଯାତ୍ରାର ଶେଷ ପର୍ଯ୍ୟାୟରେ ଦକ୍ଷିଣଦ୍ୱାରସ୍ଥିତ ଶ୍ରୀରାଧାମୋହନ ଜୀଉ ମଠ ସହ ମଝିସାହି ପାଟଣା ଭୋଗ ଲାଗି ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଖଣ୍ଡପଡ଼ା ଦେବୋତ୍ତର ବିଭାଗ କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ତହସିଲଦାର ଧୋବେଇ ନାଏକ ଓ ବିଡିଓ ଅଙ୍କୁର ଅଭିଳାଷ ଯୋଗ ଦେଇଥିଲେ। ତହସିଲଦାର ନାଏକ ଭାବବିହ୍ୱଳ ହୋଇ ଠାକୁରଙ୍କ ବିମାନକୁ କାନ୍ଧେଇବା ଦୃଶ୍ୟ ଶ୍ରଦ୍ଧାଳୁମାନଙ୍କ ମଧ୍ୟରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିଥିଲା। ଏହି ୨୨ ଦିନର କାର୍ଯ୍ୟକ୍ରମ ଦେବୋତ୍ତର ମୋହରିର ବାଇଧର ରାଉତ, ସୁପରଭାଇଜର ପ୍ରମୋଦ ଜେନା ଓ ଅନ୍ୟ କର୍ମଚାରୀମାନଙ୍କ ସକ୍ରିୟ ସହଯୋଗରେ ସମ୍ପନ୍ନ ହୋଇଥିଲା। ଅପରପକ୍ଷରେ ଖଣ୍ଡପଡ଼ା ରାଜପରିବାର ପକ୍ଷରୁ ଖଣ୍ଡପଡ଼ା ଥାନା ପାଖ ବଡ଼ପୋଖରୀଠାରେ ଅକ୍ଷୟ ତୃତୀୟାଠାରୁ ଆରମ୍ଭ ହୋଇଥିବା ଜଗନ୍ନାଥ ଜୀଉଙ୍କ ଚନ୍ଦନ ଯାତ୍ରା ପାରମ୍ପରିକ ରୀତିରେ ଗୁରୁବାର ସମ୍ପନ୍ନ ହୋଇଛି। ଏହି ପରମ୍ପରା ଖଣ୍ଡପଡ଼ା ରାଜପରିବାର ତଥା ରାଜବାଟୀ ଦେବୋତ୍ତର ତତ୍ତ୍ୱାବଧାନରେ ପରିଚାଳିତ ହୋଇଆସୁଛି।

**୧୮ ଲିଟର ଦେଶୀ ମଦ ଜବତ: ୨ ବ୍ୟବସାୟୀ ଗିରଫ**

**ନୟାଗଡ଼,(ଲୋକନାଥ ମିଶ୍ର):** ନୟାଗଡ଼ ସଦର ଥାନା ପୋଲିସ ୧୮ ଲିଟର ଦେଶୀ ବଦ ଜବତ କରିବା ସହ ୨ ମଦ ବ୍ୟବସାୟୀଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ପରେ ଦୁର୍ଦ୍ଦୁରାର ଭାବ ନାୟକ ଓ ଚାହାଳିର ସୁରଥ ନାୟକଙ୍କୁ ନୟାଗଡ଼ ସବଜେଲକୁ ପଠାଇ ଦିଆଯାଇଛି। ଭାବଙ୍କ ଘରୁ ୮. ୫୦୦ ମିଲି ଓ ସୁରଥଙ୍କ ଘରୁ ୯. ୫୦୦ ମିଲି ଦେଶୀ ମଦ ପୋଲିସ ଚଢ଼ାଉ କରି ଜବତ କରିଥିଲା। ପୋଲିସ ଭାବ ଓ ସୁରଥଙ୍କ ନାଁରେ ୨ଟି ମାମଲା ରୁଜୁ ହୋଇଛି।

# ପାନୀୟ ଜଳ ସଙ୍କଟ, ଜନଜୀବନ ଅସ୍ତବ୍ୟସ୍ତ

## ଖଣ୍ଡପଡ଼ା: ଅସହ୍ୟ ଗ୍ରୀଷ୍ମପ୍ରବାହ



ମହିଳାମାନେ ଧାଡ଼ିରେ ଠିଆ ହୋଇ ପାଣି ଆଣୁଛନ୍ତି।

**ଖଣ୍ଡପଡ଼ା,୩୧।୫(ଅଜୟ କୁମାର ମହାରଣା)**

ଖଣ୍ଡପଡ଼ା ଅଞ୍ଚଳରେ ସପ୍ତାହେ ଧରି ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ଜାରି ରହିଛି। ଦିନରେ ତାପମାତ୍ରା ୪୦ ଡିଗ୍ରୀରୁ ଊର୍ଦ୍ଧ୍ୱରେ ରହୁଥିବା ବେଳେ ରୌଦ୍ରତାପର ପ୍ରଭାବ ଜନଜୀବନକୁ ଅସ୍ତବ୍ୟସ୍ତ କରିପକାଉଛି। ସକାଳ ୮ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ରାସ୍ତାଘାଟ ଶୁନ୍‌ଶାନ୍ ହୋଇଯାଉଛି। ସେହିପରି ରାତିରେ ଗୁଳୁଗୁଳି ଅନୁଭୂତ ହେଉଥିବା ବେଳେ ମଶାଙ୍କ ଦୌରାତ୍ମ୍ୟ ଯୋଗୁ ଅଞ୍ଚଳବାସୀ ହନ୍ତସନ୍ତ ହେଉଛନ୍ତି। ଖଣ୍ଡପଡ଼ା ବ୍ଲକ ଅଧୀନ ବିଭିନ୍ନ ଗ୍ରାମରେ ପାନୀୟ ଜଳର ଉତ୍କଟ ଅଭାବ ପରିଲକ୍ଷିତ ହେଉଛି। ବିଭିନ୍ନ ସ୍ଥାନରେ ଥିବା ଜଳଉତ୍ସଗୁଡ଼ିକ ଶୁଖିଲା ପଡ଼ିଛି। ପାନୀୟ ଜଳ ମୁନ୍ଦାଏ ସଂଗ୍ରହ ନିମନ୍ତେ ଅଧିକାଂଶ ଗ୍ରାମର ଜନସାଧାରଣ ହନ୍ତସନ୍ତ ହେଉଛନ୍ତି। ଭୂତଳ ଜଳସ୍ତର ଉଦ୍‌ବେଗଜନକ ଭାବେ ହ୍ରାସ ପାଇବାରେ ଲାଗିଛି। ଫଳରେ ବିଭିନ୍ନ ଗ୍ରାମରେ ନଳକୂପଗୁଡ଼ିକ ସଚଳ ଥାଇ ମଧ୍ୟ ଜଳସ୍ତର ନିମ୍ନଗାମୀ ହେବା ଯୋଗୁ ପାଣି ମୁନ୍ଦେ ବାହାରୁନାହିଁ। ଖଣ୍ଡପଡ଼ା ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ ପକ୍ଷରୁ ଜଳକ୍ଲିଷ୍ଟ କେତେଗୋଟି ଗାଁକୁ ଟ୍ୟାଙ୍କର ଯୋଗେ ପାନୀୟ ଜଳ ଯୋଗାଇ ଦିଆଯିବାର ବ୍ୟବସ୍ଥା କରାଯାଇଛି। ଗ୍ରୀଷ୍ମ ପ୍ରଭାବରେ ମହାନଦୀ ଓ ତା'ର ଶାଖା ନଦୀ କୁସୁମୀ, କୁଆଁରିଆ ଆମ୍ବନାଳ, ଲୁଣିଝରା, ଡାହୁକା ଆଦି ଶୁଖିଲା ପଡ଼ିଛି। ଶାଖା ନଦୀଗୁଡ଼ିକର ଜଳଧାରଣ କ୍ଷମତା ସମୟାନୁକ୍ରମେ ହ୍ରାସ ପାଇବାରେ ଲାଗିଛି। ବିଭିନ୍ନ ନଦୀରେ ବ୍ୟାରେଜ୍ ନିର୍ମାଣ ପ୍ରସ୍ତାବ ଏବେ ବି ରାଜ୍ୟ ସରକାରଙ୍କ ଉନ୍ନୟନମୂଳକ ଯୋଜନାରେ ସ୍ଥାନ ପାଇ ନ ଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ନଦୀଗୁଡ଼ିକରେ ବ୍ୟାରେଜ୍ ନିର୍ମାଣ ହେଲେ ଭୂତଳ ଜଳସ୍ତର ବୃଦ୍ଧି ପାଇବା ସହ ଏହା ଅଞ୍ଚଳବାସୀଙ୍କ ପାନୀୟଜଳ ସମସ୍ୟା ଦୂର କରିବାରେ ସହାୟକ ହୋଇପାରନ୍ତା ବୋଲି ଜଣାପଡ଼ିଛି। ମାତ୍ର ରାଜ୍ୟ ସରକାର ଏଥିପ୍ରତି ଧ୍ୟାନ ନ ଦେଇ ମେଗା ପାନୀୟ ଜଳ ଯୋଗାଣ ପ୍ରକଳ୍ପରେ କୋଟି କୋଟି ଟଙ୍କା ବିନିଯୋଗ କରିବାର ମାନେ କିଛି ନାହିଁ ବୋଲି ସାଧାରଣରେ ଆଲୋଚନା ହେଉଛି। ବର୍ଷର ୮ ମାସ ମହାନଦୀ ଶୁଖିଲା ପଡୁଥିବା ବେଳେ ମେଗା ପାନୀୟ ଜଳ ପ୍ରକଳ୍ପ ଯୋଜନାର ସଫଳତା ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସାମ୍ପ୍ରତିକ ପରିସ୍ଥିତିରେ ପାଣି ମୁନ୍ଦାଏ ପାଇଁ କେବଳ ମାନବ ସମାଜ ନୁହେଁ, ସଂରକ୍ଷିତ ଜଙ୍ଗଲରେ ରହୁଥିବା ଜୀବଜନ୍ତୁମାନେ ମଧ୍ୟ ସମସ୍ୟାର ସମ୍ମୁଖୀନ ହେଉଥିବା ଜଣାପଡ଼ିଛି । ଜୀବଜନ୍ତୁଙ୍କ ନିମନ୍ତେ ଜଙ୍ଗଲରେ ଥିବା ଜଳଉତ୍ସଗୁଡ଼ିକ ଗ୍ରୀଷ୍ମର ପ୍ରଭାବରେ ଶୁଖିଲା ପଡ଼ିଥିବାରୁ ଜୀବଜନ୍ତୁ ଏବେ ଜନବସତିମୁହାଁ ହେଉଛନ୍ତି। ଆଉ ଚଳିତ ସପ୍ତାହରେ ଯଦି ସାମାନ୍ୟ ବର୍ଷା ନ ହୁଏ, ତାହେଲେ ପରିସ୍ଥିତି ଆହୁରି ସଙ୍ଗିନ ହେବାର ଆଶଙ୍କା ପ୍ରକାଶ ପାଇଛି ।

# ଚନ୍ଦନ ମହୋତ୍ସବ-୨୦୨୪ ଭଜନ ସମାରୋହ

**ଖଣ୍ଡପଡ଼ା,୩୧।୫(ଅଜୟକୁମାର ମହାରଣା):** କଣ୍ଟିଲୋସ୍ଥ ଶ୍ରୀନୀଳମାଧବ ଜୀଉଙ୍କ ଚନ୍ଦନ ମହୋତ୍ସବ-୨୦୨୪ ଅବସରରେ କଣ୍ଟିଲୋ ଚନ୍ଦନ ମଣ୍ଡପଠାରେ ଗୁରୁବାର ଏକ ଭଜନ ଭଜନ ସମାରୋହ ଅନୁଷ୍ଠିତ ହୋଇଯାଇଛି। କଣ୍ଟିଲୋ ବିକାଶ ପରିଷଦ ଏବଂ ଶ୍ରୀଜଗନ୍ନାଥ ଭଜନ ସନ୍ଧ୍ୟା ଭୁବନେଶ୍ୱର ଆନୁକୂଲ୍ୟରେ ଅନୁଷ୍ଠିତ ଭଜନ ସମାରୋହରେ ଅତିଥି ଭାବେ ଭାପୁର ବ୍ଲକ ଉପାଧ୍ୟକ୍ଷ ବେଣୁଧର ପ୍ରଧାନ, ଖଣ୍ଡପଡ଼ା ବ୍ଲକ ଉପାଧ୍ୟକ୍ଷ ଶିଶିର କୁମାର ସାହୁ ପ୍ରମୁଖ ଯୋଗଦେଇଥିଲେ। ଆୟୋଜିତ ସମାରୋହରେ କଣ୍ଠଶିଳ୍ପୀ ଅଜୟ ପାଣି, ସୁଦାମ ମହାପାତ୍ର, ସ୍ୱାଗତିକା ଦାସ, ପ୍ରୀତିପ୍ରଜ୍ଞା ମହାରଣା, ତ୍ରିଲୋଚନ ଦାସ ପ୍ରମୁଖ ଭଜନ ପରିବେଷଣ କରିଥିଲେ।

# ବାଣ ବିସ୍ଫୋରଣରେ ଆହତଙ୍କ ଆଶୁ ଆରୋଗ୍ୟ ପାଇଁ ଦୀପଦାନ



ଜଗନ୍ନାଥ ମନ୍ଦିର ଆଗରେ ଜଗନ୍ନାଥ ସେନା ପକ୍ଷରୁ ସମୂହ ଦୀପଦାନ କରାଯାଉଛି।

**ରଣପୁର, ୩୧।୫(ସୁକାନ୍ତ କିଶୋର ଡାକୁଆ):** ଗତ ୨୯ ତାରିଖରେ ଶ୍ରୀକ୍ଷେତ୍ର ପୁରୀ ନରେନ୍ଦ୍ର ପୁଷ୍କରିଣୀରେ ମହାପ୍ରଭୁଙ୍କ ଭଉଁରି ଖେଳ ଚାଲିଥିବା ବେଳେ ବାଣ ବିସ୍ଫୋରଣ ଘଟିଥିଲା। ଏଥିରେ ବହୁ ଭକ୍ତଙ୍କ ସହ ସାଧାରଣ ଲୋକେ ଗୁରୁତର ହୋଇଥିଲେ। ଏହି ଘଟଣାରେ ୬ ଜଣଙ୍କର ମୃତ୍ୟୁ ହୋଇସାରିଲାଣି। ଏଥିରେ ଆହତ ଓ ଗୁରୁତର ହୋଇଥିବା ଭକ୍ତମାନଙ୍କ ଆଶୁ ଆରୋଗ୍ୟ କାମନାକରି ଶୁକ୍ରବାର ସନ୍ଧ୍ୟା ୭ଟାରେ ରଣପୁର ଶ୍ରୀଜଗନ୍ନାଥ ସେନା ପକ୍ଷରୁ ଶ୍ରୀଜଗନ୍ନାଥ ମନ୍ଦିର ସିଂହଦ୍ୱାର ଆଗରେ ସମୂହ ଦୀପଦାନ କରାଯାଇଛି।

# ସୁନା ଅଳଙ୍କାର ସହ ୧ ଲକ୍ଷ ଟଙ୍କା ଚୋରି

**ଓଡ଼ଗାଁ, ୩୧।୫(ଆଦର୍ଶ କୁମାର ପଟ୍ଟନାୟକ)**

ଓଡ଼ଗାଁ ଥାନା ଶରଧାପୁର ପଞ୍ଚାୟତ ଗୁଣ୍ଡାସାହି ଗ୍ରାମରେ ଗୁରୁବାର ବିଳମ୍ବିତ ରାତିରେ ନଗଦ ୧ ଲକ୍ଷ ଟଙ୍କା ସହିତ ସୁନା ଅଳଙ୍କାର ଚୋରି ହୋଇଥିବା ନେଇ ଶୁକ୍ରବାର ଅଭିଯୋଗ ହୋଇଛି। ପୋଲିସ ନଂ.୧୫୭/୨୪ରେ ମାମଲା ରୁଜୁକରି ତଦନ୍ତ ଚଳାଇଛି। ଗୃହକର୍ତ୍ତା ନିର୍ଭୟ କୁମାର ଜେନାଙ୍କ ଥାନାରେ ଅଭିଯୋଗ ଅନୁସାରେ, ଗୁରୁବାର ଆମ୍ବରାପୁର ଯାତ୍ରା ଦେଖି ଯାଇଥିବା ବେଳେ ବିଳମ୍ବିତ ରାତିରେ ତାଙ୍କ ଘରର କବାଟ ତାଡ଼ି ଚୋର ପଶି ନଗଦ ଲକ୍ଷେଟଙ୍କା ସହ ସୁନାଚୁଡ଼ି, ମୁଦି, କାନଫୁଲ, ରୁପା ପାଉଁଜି ଇତ୍ୟାଦି ଚୋରିକରି ନେଇଛନ୍ତି।। ଶୁକ୍ରବାର ଡଗ୍‌ସ୍କ୍ୱାଡ୍ ଓ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳ ପରିଦର୍ଶନ କରି ଫେରିଛନ୍ତି। ଚୋରି ସମୟରେ ଘରେ ଅସହାୟ ବୃଦ୍ଧା ଥିଲେ। ହେଲେ ଚୋରମାନେ ଅବାଧରେ ଚୋରିକରି ଚାଲିଯାଇଥିଲେ।









# ରେଶମ ଚାଷ ପାଇଁ ମିଳୁନି ପ୍ରୋତ୍ସାହନ

ପଟ୍ଟାମୁଣ୍ଡାଇ,୩୧।୫(କଳ୍ପତରୁ ନାୟକ)

- ପଟ୍ଟାମୁଣ୍ଡାଇରେ ପର୍ଯ୍ୟାପ୍ତ ଭିତ୍ତିଭୂମି
- ଗବ, ଅର୍ଜୁନ, ବରକୋଳି ଗଛ ବହୁଳ ଭାବେ ଅଛି
- ଶତାଧିକ ଏକର ଚାଷଜମିରେ ବେଣା ଜଙ୍ଗଲ

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଧୋୟାଞ୍ଚଳର ବ୍ରାହ୍ମଣୀ ନଦୀ ପାର୍ଶ୍ୱ ଉର୍ବର ଚାଷଜମିରେ କ୍ରମଶଃ ବେଣାଗଛ ହୋଇ ଜଙ୍ଗଲର ଭ୍ରମ ସୃଷ୍ଟି କରୁଛି। ଫଳରେ ଚାଷକାର୍ଯ୍ୟ କରିବା ଆଉ ସମ୍ଭବ ହେଉନାହିଁ। ଏଥିଯୋଗୁ ଚାଷୀଙ୍କ ଏକର ଏକର ଚାଷଜମି ପଡ଼ିଆ ପଡୁଛି। ବେଣାଗଛ ମଲା ପରେ ବି ରହୁଥିବା ମୂଳକୁ ଉପାଡ଼ିବାରେ ଅଧିକ ଖର୍ଚ୍ଚାନ୍ତ ହେବାକୁ ପଡୁଥିବାରୁ ଚାଷୀ ଜମି ଚାଷ ନ କରି ପଡ଼ିଆ ପକାଇ ଦାଦନ ଯିବାକୁ ବାଧ୍ୟ ହେଉଛି। ଯଦି ଜିଲା ପ୍ରଶାସନ ଓ ରାଜ୍ୟ ସରକାର ଏହି ଚାଷୀମାନଙ୍କ ସମସ୍ୟାକୁ ହୃଦୟଙ୍ଗମ କରି ଚାଷଜମିରୁ ବେଣା ଜଙ୍ଗଲ ହଟାଇବାର ବ୍ୟବସ୍ଥା କରି ସେଠାରେ ଅର୍ଥକରୀ କୃଷିଭିତ୍ତିକ ଶିଳ୍ପ ଏଣ୍ଡି, ମଲବରୀ ଓ ମୁଗା ପରି ରେଶମ ଚାଷକୁ ଗୁରୁତ୍ୱ ଦିଅନ୍ତେ, ତାହା ହେଲେ ଶତାଧିକ ଚାଷୀ ପରିବାର ଉପକୃତ ହେବା ସହ ଶିକ୍ଷିତ ବେକାରି କ୍ଷୁଦ୍ର ଶିଳ୍ପ କରି ନିଜର ଆର୍ଥିକ ସ୍ଥିତିକୁ ବଦଳାଇ ପାରନ୍ତେ ବୋଲି ସାଧାରଣରେ ମତପ୍ରକାଶ ପାଇଛି।

ବୁଦ୍ଧିଜୀବୀ ପ୍ରଫୁଲ୍ଲ ଦାଶ କହିଛନ୍ତି, ପଟ୍ଟାମୁଣ୍ଡାଇ ଅଞ୍ଚଳରେ ଜୀବନ ଓ ଜୀବିକା ପାଇଁ ପର୍ଯ୍ୟାପ୍ତ ଭିତ୍ତିଭୂମି ରହିଛି। ଧାନ, ମୁଗ, ବିରି ଓ ପନିପରିବା ଆଦି ଚାଷ ଛାଡିଲେ ଏଠାରେ ଅର୍ଥକରୀ ଫସଲ ଭାବେ କପା, ଗବ, ମଲବରୀ ଗଛ ପାଇଁ ଏହି ଜଳବାୟୁ ଉପଯୁକ୍ତ ଥିବା ବେଳେ ଟସର, ମୁଗା, ମଲବରି ଓ ଏଣ୍ଡି ପୋକ ଚାଷ ପ୍ରତି ଚାଷୀଙ୍କ ଆଗ୍ରହ ଦେଖିବାକୁ ମିଳୁନାହିଁ। ଏହି ଚାଷର ପ୍ରସାର ପାଇଁ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ଥିଲେ ମଧ ଜିଲାରେ ଚାଷୀଙ୍କୁ ସଚେତନ କରାଯାଉନାହିଁ। ପଡ଼ୋଶୀ ଜିଲା ଯାଜପୁରରେ ଏହି ସବୁ ଚାଷ କରି ଚାଷୀ ଲାଭବାନ ହେଉଥିବା ବେଳେ କେନ୍ଦ୍ରାପଡ଼ାରେ ସେ ସବୁ ଦେଖିବାକୁ ମିଳୁନାହିଁ। ୧୫ ବର୍ଷ ପୂର୍ବେ ବେଲତଳଠାରେ ୫ ଜଣିଆ ଗୋଷ୍ଠୀ ସମିତି କରି ଏହି ଚାଷରେ ଲାଭବାନ୍ ହୋଇଥିଲେ। ମାତ୍ର ପରବର୍ତ୍ତୀ ସମୟରେ ସରକାରୀ ପ୍ରୋତ୍ସାହନ ଅଭାବରୁ ତାହା ବନ୍ଦ ହୋଇଗଲା। ରେଶମ ଚାଷୀ ହେମନ୍ତ ଦାଶଙ୍କ କହିବା ଅନୁଯାୟୀ ଟସର, ମୁଗା, ମଲବରି ଓ ଏଣ୍ଡି ପୋକରୁ ପ୍ରସ୍ତୁତ ହୁଏ ସୂତା। ଆଉ ଏଥିରୁ ତିଆରି ହୁଏ ସୁନ୍ଦର ସୁନ୍ଦର ବସ୍ତ୍ର। ଯାହାର ଚାହିଦା ରାଜ୍ୟ, ଦେଶ ତଥା ଦେଶ ବାହାରେ ମଧ ରହିଛି। ଆମେ ଏଣ୍ଡି ରେଶମ ଚାଷ କରୁଥିଲୁ। ପ୍ରଥମେ ଅଣ୍ଡାରୁ ଲାର୍ଭା ହୁଏ, ପରେ ଏହା ପୋକରେ ପରିଣତ ହୁଅନ୍ତି। ପରେ ସେମାନେ ଗବ ପତ୍ର ଖାଇ ବଡ଼ ହୁଅନ୍ତି। ଆମେ ତିଆରି କରିଥିବା ବାଉଁଶ ଛାଞ୍ଚରେ ସେମାନେ କୋଷା ତିଆରି କରନ୍ତି। ଆମର ଏଠାରେ ସୂତା ତିଆରି ପାଇଁ ସେପରି ବ୍ୟବସ୍ଥା ନ ଥିବାରୁ କୋଷାକୁ କିଲୋ ଦରରେ ବିକି ଦେଉଥିଲୁ। ଆଉ ସେହି କୋଷାରୁ ରେଶମ ସୂତା ବାହାରିଥାଏ। ପୁଣି ସେହି କୋଷାରୁ ପ୍ରଜାପତି ସୃଷ୍ଟି ହୋଇ ଅଣ୍ଡା ଦେଇ ଆଗକୁ ବଢ଼ିଥାଏ। କିଛି ଏଭଳି ପ୍ରକ୍ରିୟାରେ ଚାଷୀ ଚାଷ କରନ୍ତି। ଆମ ଅଞ୍ଚଳରେ ଗବ ବହୁଳ ଭାବେ ରାସ୍ତାକଡ଼ ନଦୀ, ନାଳ ପାର୍ଶ୍ୱରେ ହେଉଥିବା ଦେଖାଯାଉଛି। ଯଦି ଗବ ଚାଷ ଠିକ୍ ଢଙ୍ଗରେ କରାଯାଇ ଏଣ୍ଡି ପୋକ ଚାଷ କରାଯାଆନ୍ତା, ତେବେ ଏଠିକାର ଚାଷୀ ଉପକୃତ ହେଇପାରନ୍ତେ। ଉତ୍କଳମଣି ଯୁବକ ସଂଘ ସଭାପତି ଗୌତମ ବେହେରା କହିଛନ୍ତି, କୃଷି ଆମର ପ୍ରଧାନ ଜୀବିକା। ବିଭିନ୍ନ କିସମ ଶସ୍ୟର ଚାଷ ପାଇଁ ଓଡ଼ିଶା ଗର୍ବିତ। ତଥାପି ଘାତ ପ୍ରତିଘାତ ମଧ୍ୟରେ ଓଡ଼ିଶା ରେଶମ ଚାଷ ପାଇଁ ଭାରତ ତଥା ଆନ୍ତର୍ଜାତିକ ସ୍ତରରେ ଖ୍ୟାତି ଲାଭ କରିଛି। ରେଶମ (ସିଲ୍କ) ମୁଖ୍ୟତଃ ଚାରି ପ୍ରକାର। ସେଗୁଡ଼ିକ ହେଉଛି ତୁନ୍ତ ରେଶମ (ମଲବେରୀ ସିଲ୍କ), ମୁଗା ରେଶମ (ମୁଗା ସିଲ୍କ), ଏଣ୍ଡି ରେଶମ (ଏରି ସିଲ୍କ) ଓ ଟସର ରେଶମ (ଟସର ସିଲ୍କ)। ଏହିସବୁ ରେଶମ ପାଇଁ ଆମ ରାଜ୍ୟ ପ୍ରସିଦ୍ଧ ହୋଇଥିବା ବେଳେ ଶିମିଳିପାଳ ଟସର ରେଶମ ପୃଥିବୀ ପ୍ରସିଦ୍ଧ ବୋଲି ଏକ ମାଗାଜିନ୍‌ରୁ ଜାଣିଥିଲି। ପଟ୍ଟାମୁଣ୍ଡାଇ ଅଞ୍ଚଳର ଜଳବାୟୁ ଏଣ୍ଡି ଓ ଟସର ଚାଷ ପାଇଁ ଅନୁକୂଳ। ଟସର ପୋକ ଅନେକ ପ୍ରକାର ଗଛର ପତ୍ର ଖାଇଥାଏ। ସେଗୁଡ଼ିକ ହେଉଛି ଶାଳ, ଅସନ, ଅର୍ଜୁନ, ସିଦ୍ଧ ଓ ବରକୋଳି ଇତ୍ୟାଦି। ବିଶେଷକରି ଆମ ଅଞ୍ଚଳରେ ଅର୍ଜୁନ ଓ ବରକୋଳି ଗଛ ବହୁଳ ଭାବେ ଅଛି। ଯଦି ସରକାରୀସ୍ତରରେ ପ୍ରୋତ୍ସାହନ ସହିତ ଚାଷୀମାନଙ୍କୁ ବୈଷୟିକ ଜ୍ଞାନକୌଶଳ ତାଲିମ ଶିକ୍ଷା ଦିଆଯାଇ ଚାଷ କରାଯାଆନ୍ତା, ତେବେ ଆମ ଅଞ୍ଚଳର ରେଶମ ଚାଷ ବଢ଼ିବା ସହିତ ଟେକ୍ସଟାଇଲ ଶିଳ୍ପ ହୋଇ ଅଞ୍ଚଳର ଆର୍ଥିକ ସ୍ଥିତିକୁ ବଦଳାଇ ପାରନ୍ତେ ବୋଲି କହିଥିଲେ।


ଏଣ୍ଡିପୋକ ପତ୍ର ଖାଉଛନ୍ତି।

# ୩୦ ସମ୍ବେଦନଶୀଳ ବୁଥ୍ ପାଇଁ କଡ଼ା ପୋଲିସ ବ୍ୟବସ୍ଥା

- ମତଦାନ ପାଇଁ ଡେରାବିଶର ୧୪୫ ବୁଥ୍‌ରେ ପହଞ୍ଚିଲେ ପୋଲିଂ ପାର୍ଟି
- ମତ ସାବ୍ୟସ୍ତ କରିବେ ୧ଲକ୍ଷ ୨୨ହଜାର ୭ଶହ ୨୯ ମତଦାତା

ଡେରାବିଶ, ୩୧।୫ (ବେବର୍ତ୍ତା ଅଜୟ ଦାସ)

୯୭ନମ୍ବର ପାଟକୁରା ବିଧାନସଭା କ୍ଷେତ୍ର ପାଇଁ ଶନିବାର ମତଦାନ ଅନୁଷ୍ଠିତ ହେଉଛି। ଏଥିପାଇଁ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଡେରାବିଶ ବ୍ଲକ ଅଧୀନ ୨୭ଟି ପଞ୍ଚାୟତର ୧୪୭ଟି ବୁଥ୍‌ରେ ପୋଲିଂ ପାର୍ଟି ଶୁକ୍ରବାର ସନ୍ଧ୍ୟା ସୁଦ୍ଧା ମତଦାନ କେନ୍ଦ୍ରରେ ପହଞ୍ଚି ସାରିଛନ୍ତି। ଏହି ମତଦାନରେ ବ୍ଲକ ଅଞ୍ଚଳର ସମୁଦାୟ ୧ଲକ୍ଷ ୨୨ହଜାର ୭ଶହ ୨୯ ଭୋଟର ସେମାନଙ୍କ ମତସାବ୍ୟସ୍ତ ସାବ୍ୟସ୍ତ କରିବେ। ସେଥିମଧ୍ୟରୁ ମହିଳା ମତଦାତାଙ୍କ ସଂଖ୍ୟା ୫୯ହଜାର ୩୫୫ ରହିଥିବା ବେଳେ ପୁରୁଷ ଭୋଟରଙ୍କ ସଂଖ୍ୟା ୬୩ହଜାର ୩ଶହ ୭୨ ରହିଛି। ତେବେ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶ ଅନୁଯାୟୀ ସମସ୍ତ ବୁଥ୍‌ରେ ପୁଲିଂ କର୍ମଚାରୀ ଓ ମତଦାତାଙ୍କ ସୁବିଧା ପାଇଁ ବ୍ୟବସ୍ଥା କରାଯାଇଛି। ତେବେ ଚଳିତ ନିର୍ବାଚନ ପାଇଁ ୩୦ଟି ବୁଥ୍‌କୁ ପ୍ରଶାସନ ସମ୍ବେଦନଶୀଳ ବୁଥ୍ ଭାବେ ଚିହ୍ନଟ କରିଛି। ଏଥିସହ ୮୭ ବୁଥ୍‌ରେ ସିସିଟିଭି କ୍ୟାମେରା ସହ ୱେବକାଷ୍ଟିଙ୍ଗ ବ୍ୟବସ୍ଥା କରାଯାଇଛି।

ସେହିପରି ଆଦର୍ଶ ବୁଥ ୨ଟି କରାଯାଇଥିବା ବେଳେ ୬ଟି ସଖୀ ବୁଥ୍ କରାଯାଇଛି। ସୁଭଦ୍ରାପୁର ପ୍ରାଥମିକ ବିଦ୍ୟାଳୟକୁ ଯୁବ ବୁଥ୍ ଭାବେ କରାଯାଇଛି। ନୂତନ ବର୍ଗର ଭୋଟରଙ୍କୁ ଆକୃଷ୍ଟ କରାଯିବା ପାଇଁ ଏହି ବୁଥ୍ କରାଯାଇଥିବା ନେଇ ବିଡିଓ ଦାଶରଥି ଜେନା ସୂଚନା ଦେଇଛନ୍ତି। ଭୋଟରଙ୍କୁ ଆକୃଷ୍ଟ କରିବା ପାଇଁ ସ୍ୱତନ୍ତ୍ର ଥଣ୍ଡା ପାନୀୟ ଜଳ ବ୍ୟବସ୍ଥା, ବିଶ୍ରାମ ବ୍ୟବସ୍ଥା, ଭିନ୍ନକ୍ଷମ ଓ ବୟସ୍କ ବୃଦ୍ଧାବୃଦ୍ଧଙ୍କ ପାଇଁ ହୁଇଲ ଚେୟାରର ବ୍ୟବସ୍ଥା କରାଯାଇଥିବା ବିଡିଓ ଜେନା ସୂଚନା ଦେଇଛନ୍ତି। ସମ୍ବେଦନଶୀଳ ବୁଥ୍ ପାଇଁ ଡେରାବିଶ, କେନ୍ଦ୍ରାପଡ଼ା ସଦର ଓ ନିକିରାଇ ଥାନା ପକ୍ଷରୁ ପର୍ଯ୍ୟାପ୍ତ କେନ୍ଦ୍ରୀୟ ଫୋର୍ସ ସହ ରାଜ୍ୟ ପୋଲିସର ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି।



ଡେରାବିଶରେ ଯୁବ ଭୋଟରଙ୍କ ଲାଗି ବୁଥ୍। ଏକ ବୁଥ୍‌ରେ ଭିନ୍ନକ୍ଷମଙ୍କ ଲାଗି ଥିବା ସାଇକେଲ।

# ପାରାଦୀପ ବିଧାୟକଙ୍କ ନାମରେ ଥାନାରେ ଏତଲା

## ଭାଜପା କର୍ମୀଙ୍କୁ ଧମକ ଦେଉଥିବା ଅଭିଯୋଗ

**କୁଜଙ୍ଗ,୩୧।୫(ମନୋଜ ପ୍ରଧାନ):** ପାରାଦୀପ ବିଧାୟକ ସମ୍ବିତ୍ ରାଉତରାୟଙ୍କ ନାମରେ କୁଜଙ୍ଗ ଥାନାରେ ଅଭିଯୋଗ ହୋଇଛି। ସେ ଭାଜପା କର୍ମୀମାନଙ୍କୁ ଧମକ ଦେଉଥିବା ନେଇ ଆଇନଜୀବୀ ଗତିକୃଷ୍ଣ ଶତପଥୀ ଅଭିଯୋଗରେ ଦର୍ଶାଇଛନ୍ତି। ତାଙ୍କ ଅଭିଯୋଗ ଅନୁଯାୟୀ, ସାମାଜିକ ଗଣମାଧ୍ୟମରେ ବିଧାୟକ ରାଉତରାୟଙ୍କ ଗୋଟିଏ ଭିଡିଓ ଭାଇରାଲ ହୋଇଛି, ଯେଉଁଥିରେ ସେ ଭାଜପା କର୍ମୀମାନଙ୍କୁ ଘରେ ପଶି ବାନ୍ଧିବାକୁ ଚେତାବନୀ ଦେଇଛନ୍ତି। ଜଣେ ନିର୍ବାଚିତ ପ୍ରତିନିଧି ଏଭଳି ଆଚରଣ କରିବା ନିର୍ବାଚନ ଆଚରଣ ବିଧିର ଉଲ୍ଲଂଘନ ବୋଲି ସେଥିରେ ଦର୍ଶାଇଛନ୍ତି। ଅଭିଯୋଗ ସତ୍ତ୍ୱେ ପୋଲିସ ମାମଲା ରୁଜୁ ନ କରିବାରୁ କାର୍ଯ୍ୟାନୁଷ୍ଠାନ ଦାବିରେ ଭାରତୀୟ ନିର୍ବାଚନ ଆୟୋଗ ନିକଟରେ ଲିଖିତ ଅଭିଯୋଗ କରାଯାଇଛି ବୋଲି ଶତପଥୀ କହିଛନ୍ତି। ଏ ସମ୍ପର୍କରେ କୁଜଙ୍ଗ ଥାନା ଅଧିକାରୀ ରଶ୍ମିରଞ୍ଜନ ଦାଶଙ୍କୁ ମୋବାଇଲ୍‌ରେ ଯୋଗାଯୋଗ କରିବାରୁ ସେ ଫୋନକଲ୍ କାଟି ଦେଇଥିଲେ। ସେହିପରି ବିଧାୟକ ରାଉତରାୟଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ ସେ ମୋବାଇଲ୍ ଫୋନ୍ ଉଠାଇ ନ ଥିଲେ।

# ଗୋଲରାହାଟ-ସବଳଙ୍ଗ ୯ନଂ. କେନାଲ ବନ୍ଧ ରାସ୍ତା ମରଣଯନ୍ତା

ଡେରାବିଶ, ୩୧।୫ (ବେବର୍ତ୍ତା ଅଜୟ ଦାସ)

କେନ୍ଦ୍ରାପଡ଼ା ଜିଲା ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ଥିବା ଡେରାବିଶ ବ୍ଲକ ଅଧୀନ ଗୋଲରାହାଟଠାରୁ ସବଳଙ୍ଗ ଯାଏ ଯାଇଥିବା ୯ ନଂ. କେନାଲବନ୍ଧ ରାସ୍ତାଟି ଦୀର୍ଘଦିନ ହେବ ମରଣଯନ୍ତା ପାଲଟିଛି। ଏହି ରାସ୍ତାଟି ବ୍ଲକ ଅଞ୍ଚଳର ମୁଖ୍ୟ ରାସ୍ତା। ଏହି ରାସ୍ତା ଦେଇ ଦୈନିକ ଶତାଧିକ ସଂଖ୍ୟାରେ ଯାନବାହନ ଚଳାଚଳ ସହ ଡେରାବିଶ ମହାବିଦ୍ୟାଳୟ, ବିଦ୍ୟାଳୟ ସମେତ କେନ୍ଦ୍ରାପଡ଼ା ଜିଲାର ଚାନ୍ଦୋଳ ବଜାର ଓ ଡେରାବିଶ ବଜାରକୁ ସଂଯୋଗ କରିଛି। ଦୀର୍ଘଦିନ ଧରି ମରଣଯନ୍ତା ପାଲଟିଥିବାରୁ ଏହି ରାସ୍ତା ଉପରେ ନିର୍ଭରଶୀଳ ଛାତ୍ରୀଛାତ୍ର, ବ୍ୟବସାୟୀ ଓ ସାଧାରଣ ଲୋକମାନେ ଅସୁବିଧା ଭୋଗୁଛନ୍ତି। ଏହି ରାସ୍ତା ନିର୍ମାଣ ପାଇଁ ବ୍ଲକ ଅଧୀନ ଗୋଲରାହାଟ, ବାଲିଆ, ପଲେଇ ଓ ଲକ୍ଷ୍ମୀନାରାୟଣପୁର ପଞ୍ଚାୟତ ସମେତ କଟକ ଜିଲା ମାହାଙ୍ଗା ବ୍ଲକ ଅଧୀନ କୁରୁଜଙ୍ଗା ପଞ୍ଚାୟତର ଜନସାଧାରଣ ବିଭାଗୀୟ ଅଧୀକ୍ଷଣ ଯନ୍ତ୍ରୀଙ୍କଠାରୁ ଆରମ୍ଭ କରି ଉଚ୍ଚ କର୍ତ୍ତୃପକ୍ଷ ଓ ଜିଲାପାଳଙ୍କ ନିକଟରେ ବାରମ୍ବାର ଦାବି କରି ଆସୁଛନ୍ତି। ମାତ୍ର ବିଭାଗୀୟ କର୍ତ୍ତୃପକ୍ଷ ଏହି ରାସ୍ତା ନିର୍ମାଣ ପାଇଁ କୌଣସି ପଦକ୍ଷେପ ନେଉ ନ ଥିବାରୁ ସାଧାରଣରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ବିଶେଷକରି ଏହି ଅଞ୍ଚଳରେ ଜୁନ ୧ ତାରିଖରେ ନିର୍ବାଚନ ଥିବାବେଳେ ନିର୍ବାଚନ କାର୍ଯ୍ୟରେ ନିୟୋଜିତ ଯାନବାହନ ଏହି ରାସ୍ତା ଦେଇ ଯାତାୟାତ କରୁଛି। ଏଥିପ୍ରତି ମଧ ଜିଲା ପ୍ରଶାସନ ଓ ବିଭାଗୀୟ କର୍ତ୍ତୃପକ୍ଷ ଦୃଷ୍ଟି ନ ଦେବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ଗୋଲରାହାଟ ଗ୍ରାମର ସାହାଜାନ୍ ଖାଁ କହିଛନ୍ତି। ତୁରନ୍ତ ଏହି ରାସ୍ତା ନିର୍ମାଣ କାର୍ଯ୍ୟ କରିବା ପାଇଁ ପଲେଇ ପଞ୍ଚାୟତର ସାମାଜିକ କର୍ମୀ ଚିତ୍ତରଞ୍ଜନ ରାଉତ, ଜ୍ୟୋତିରଞ୍ଜନ ପୃଷ୍ଟି ପ୍ରମୁଖ ଦାବି କରିଛନ୍ତି।

ସୂଚନାଯୋଗ୍ୟ, ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ଏହି ରାସ୍ତାକୁ ଅନ୍ତର୍ଭୁକ୍ତ କରାଯାଇ ୧୬୦.୫୦ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଗୋଲରାହାଟଠାରୁ ଜାଗୁଲାଇପଡା ପର୍ଯ୍ୟନ୍ତ ୩.୫୬୦ କିଲୋମିଟର ରାସ୍ତା କାର୍ଯ୍ୟ ୨୦୨୦-୨୧ ମସିହାରେ କରାଯାଇଥିଲା। ମାତ୍ର ଠିକା ସଂସ୍ଥାନର ନିମ୍ନମାନର କାର୍ଯ୍ୟ ପାଇଁ ରାସ୍ତା ନିର୍ମାଣ ହେବାର ଅଳ୍ପଦିନ ମଧ୍ୟରେ ରାସ୍ତାରୁ ପିଚୁ ଉଠି ଖାଲଖମାରେ ପରିଣତ ହୋଇଥିଲା। ଏ ସମ୍ପର୍କରେ ସ୍ଥାନୀୟ ଅଞ୍ଚଳବାସୀଙ୍କ ପକ୍ଷରୁ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଅବଗତ ମଧ କରାଯାଇଥିଲା। ଏ ସଂକ୍ରାନ୍ତରେ ବିଭାଗୀୟ ସହକାରୀ ଯନ୍ତ୍ରୀ ଶୈଳେନ୍ଦ୍ର ବିଶ୍ୱାଳଙ୍କୁ ପଚାରିବାରେ ନିର୍ମାଣ କରିଥିବା ଠିକା ସଂସ୍ଥା ରାସ୍ତାର ରକ୍ଷଣାବେକ୍ଷଣର ୫ ବର୍ଷ ପାଇଁ ଚୁକ୍ତିନାମା କରିଛନ୍ତି। ରାସ୍ତାର ତୁରନ୍ତ ମରାମତି କରିବାକୁ ସମ୍ପୃକ୍ତ ଠିକା ସଂସ୍ଥାକୁ ବାରମ୍ବାର ନିର୍ଦ୍ଦେଶ ଦିଆଯାଇଛି। ମାତ୍ର ଠିକା ସଂସ୍ଥା ଏଥିପ୍ରତି ଗୁରୁତ୍ୱ ଦେଉନାହାନ୍ତି। ତୁରନ୍ତ ଏହି ରାସ୍ତା ମରାମତି ନ କଲେ ସମ୍ପୃକ୍ତ ଠିକା ସଂସ୍ଥା ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଯନ୍ତ୍ରୀ ବିଶ୍ୱାଳ କହିଛନ୍ତି।



ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ଶିବରାମ


@ ସୁଶୀଲ


@ ଲିଜା

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।



